୮

ଶୁଭ ଲୋକାର୍ପଣ ପରେ ଝଲସିଲା ମା' ସମଲେଶ୍ୱରୀଙ୍କ ପୀଠ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨ ● ୨୮ ଜାନୁଆରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-2 ● 28th January 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24

ସମଲେଇ ପ୍ରକଳ୍ପ ଲୋକାର୍ପଣ ସଂପୂର୍ଣ୍ଣ : ପୀଠର ସ୍ୱର୍ଗୀୟ ଓ ଦିବ୍ୟ ପରିବେଶରେ ଭକ୍ତ ବିମୁଗ୍ଧ

ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ

ପୂର୍ବରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ। ପରେ ଏବେ ପଶ୍ଚିମରେ ମା' ସମଲେଶ୍ୱରୀଙ୍କ ପୀଠର ହୋଇଛି ରୂପାନ୍ତରଣ। ପୂର୍ବରୁ ପଶ୍ଚିମ ଯାଏ ସବୁଆଡେ ଦିବ୍ୟତାର, ଭାବ୍ୟତାର, ଆଧାତ୍ମିକତାର ଅନୁଭବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବହୁ ପ୍ରତୀକ୍ଷିତ ସମଲେଇ ପ୍ରକଳ୍ପର ଶୁଭ ଲୋକାର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ମା'ଙ୍କ ଦର୍ଶନ ଓ ପ୍ରାର୍ଥନା କରି ଓଡ଼ିଶାବାସୀଙ୍କ ସୁଖ, ଶାନ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ତା ପରେ ଶହ ଶହ ସାଧୁସନ୍ଥ, ସେବକ, ପଣ୍ଡିତଙ୍କ ଗହଣରେ ଯଜ୍ଞ-ହୋମ, ଓ ମନ୍ତ୍ର ଧ୍ୱନିରେ ପ୍ରକଳ୍ପର ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ସମୟରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ।

୨୦୨୧ ଫେବୃୟାରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରି ନିର୍ଦ୍ଦେଶ ଦେଇଥିଲେ । ଏହାପରେ ୨୦୨୨ ମେ' ୧୪ ତାରିଖ ଠାରୁ କାମ ଆରମ୍ଭ ହୋଇଥିଲା। ୫-ଟି ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ରେକର୍ଡ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇପାରିଛି । ପ୍ରତି ଏକ ମାସ, ଦୁଇ ମାସ ସମୟ ବ୍ୟବଧାନରେ ଶ୍ରୀ ପାଣ୍ଡିଆନ ସମ୍ବଲପୁର ଯାଇ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିର ଅନୁଧ୍ୟାନ କରିବା ସହ ସମୀକ୍ଷା କରିଥିଲେ।

ମନ୍ଦିର ଭିତରେ ପ୍ରାୟ ୬ ଏକର ପରିମିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରାଯାଇଛି । ଭୋଗ ମଣ୍ଡପ, ପୂଜକ ମାନଙ୍କ ବିଶ୍ରାମ ଗୃହ, ଭକ୍ତମାନଙ୍କ ଜିନିଷ ପତ୍ର ରଖିବା ପାଇଁ କ୍ଲକ ରୁମ୍, ପ୍ରସାଦ ସେବନ ଗୃହ, ଭୋଗ ବିକ୍ରୟ ଗୃହ, ପର୍ଯ୍ୟଟକ ସୂଚନା କେନ୍ଦ୍ର ଆଦି ନିର୍ମାଣ କରାଯାଇଛି। ସେହିପରି ମନ୍ଦିର ବାହାରେ ଏକ କିଲୋମିଟର ଅଞ୍ଚଳରେ ପରିକ୍ରମାର କରିଡ଼ର ନିର୍ମାଣ କରାଯାଇଛି। ସମସ୍ତ ନିର୍ମାଣ ପଥରରେ ନିର୍ମିତ ହୋଇଛି।

ପାର୍କିଂରେ ୨୦୦ଟି ୪ ଚକିଆ ଗାଡ଼ି ଓ ୨୦ ବସ୍ *(ପୃଷ୍ଠା ୭ରେ)*

ରାଜ୍ୟର ସମସ୍ତ ପୌରାଞ୍ଚଳରେ ପାଳନ ହେବ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ

ଦେଶରେ ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରାଯାଇଛି।

ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ହେବ । ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା, ଗବେଷକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ସହ ଭାଷାକୁ ପ୍ରୋତ୍ସାହିତ କରିବାକୁ ସମ୍ମିଳନୀରେ ବ୍ୟାପକ ଆୟୋଜନ କରାଯାଉଛି । ପ୍ରତ୍ୟେକ *(ପୃଷ୍ଠା ୭ରେ)*

ସକାଳେ ଇସ୍ତଫା, ସନ୍ଧ୍ୟାରେ ଶପଥ ଗ୍ରହଣ !

ନୂଆଦିଲ୍ଲୀ, ୨୭।୧

ବିହାରରେ ଜାରି ରାଜନୀତିକ ହାଇଡ୍ରାମା ମଧ୍ୟରେ ଖବର ସାମନାକୁ ଆସୁଛି ଯେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ସକାଳେ ନିଜ ପଦରୁ ଇସ୍ତଫା ଦେଇପାରନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ଏହି ସୂଚନା ଶନିବାର ମିଳିଛି । ମିଳିଥିବା ସୂଚନା ଅନୁସାରେ ନୀତୀଶ କୁମାର ରବିବାର ସକାଳବେଳା ରାଜ୍ୟପାଳଙ୍କୁ ଭେଟି ତାଙ୍କ ପଦରୁ ଇସ୍ତଫା ଦେଇପାରନ୍ତି। ଅପରାହ୍ନରେ ପୁନର୍ବାର ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ସମ୍ଭାବନା ରହିଛି। ବିହାର ରାଜନୀତିରେ ଘଡିକୁ ଘୋଡା ଛୁଟିବା ଭଳି ପରସ୍ଥିତି ସୃଷ୍ଟି ହୋଇଛି। ନୀତୀଶ *(ପୃଷ୍ଠା ୭ରେ)*

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଜାନୁଆରୀ ୨୦୨୪ ରବିବାର

ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଅର୍ପଣ ରଥର ଗୁଆ, ଚାଉଳ

ପୁରୀ, ନ୍ୟୁଜ ବ୍ୟୁରୋ
ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଶୁଭମନାସି ରାଜ୍ୟର ସବୁ ଜିଲ୍ଲାର ପ୍ରତି ଗାଁରେ ଜୟ ଜଗନ୍ନାଥ ଅର୍ପଣ ରଥ ଗଡ଼ିଥିଲା । ଏହି ଅବସରରେ ଗାଁର ପ୍ରତି ଘରୁ ଗୁଆ ଓ ଅକ୍ଷତ(ଅରୁଆ ଚାଉଳ) ସହ ନଡ଼ିଆ ସଂଗ୍ରହ କରାଯାଇଥିଲା । ଏହି ଗୁଆ, ଅକ୍ଷତ ଓ ନଡ଼ିଆ ଆଜି ଶ୍ରୀକ୍ଷେତ୍ରରେ ପହଞ୍ଚିଛି । ପ୍ରଥମ ଦିନରେ ଦେବଗଡ଼ ଓ ଜଗତସିଂହପୁର ଜିଲ୍ଲାରୁ ସଂଗୃହୀତ ଗୁଆ, ଅକ୍ଷତ ଓ ନଡ଼ିଆ ଶ୍ରୀକ୍ଷେତ୍ରରେ ପହଞ୍ଚିଛି । ସଂଗୃହୀତ ଚାଉଳ ପ୍ରାୟ ୨୮୦ କ୍ୱିଣ୍ଟାଲ ହେବ ବୋଲି ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି । ଶ୍ରୀ ସାହୁ କହିଛନ୍ତି, ଆଜି ସକାଳେ ଦେବଗଡ଼ ଜିଲ୍ଲାର ସବୁ ବ୍ଲକ୍‌ରୁ ଟ୍ରକ୍‌ରେ ସଂଗୃହୀତ ଚାଉଳ, ଗୁଆ ଓ ନଡ଼ିଆ ପୁରୀରେ ପହଞ୍ଚିଥିଲା । ଆଜି ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲାର ସବୁ ବ୍ଲକ୍‌ରୁ ଚାଉଳ, ଗୁଆ ଓ ନଡ଼ିଆ ଆସି ପହଞ୍ଚିଥିଲା । ଏହି ଚାଉଳ, ଗୁଆ ଓ ନଡ଼ିଆକୁ ସୁରକ୍ଷିତ ଭାବେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଗଚ୍ଛିତ ରଖାଯାଇଛି । ଏହା ନଷ୍ଟ ନ ହେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାରୁ ଗୁଆ, ଅକ୍ଷତ ଓ ନଡ଼ିଆ ଆସିବ । ଏହାକୁ ବି ଶ୍ରୀଗୁଣ୍ଡିଚା ମନ୍ଦିରରେ ସଂରକ୍ଷିତ ରଖାଯିବ । ଆସନ୍ତା ଫେବ୍ରୁଆରି ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ । ସମସ୍ତ ଗୁଆ, ନଡ଼ିଆ, ଅକ୍ଷତ ସଂଗ୍ରହ ହେବା ପରେ ଏହାକୁ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯିବ । ଶ୍ରୀ ସାହୁ କହିଛନ୍ତି, ସଂଗୃହୀତ ଚାଉଳ ଶତ ପ୍ରତିଶତ ଅରୁଆ ଚାଉଳ । ଯାଞ୍ଚ ପରେ ଏହା ଜଣାପଡ଼ିଛି । ସୂଚନାଯୋଗ୍ୟ, ସଂଗୃହୀତ ଚାଉଳ ଓ ନଡ଼ିଆ ସୁଆର ମହାସୁଆର ନିଯୋଗକୁ ଦିଆଯିବ । ଏଥିରୁ ନିଯୋଗ ଖେଚେଡ଼ି ପ୍ରସ୍ତୁତ କରିବ । ଏହା ଭକ୍ତଙ୍କୁ ବଣ୍ଟାଯିବ । ବାକି ଚାଉଳରୁ ପିଠା, ମୁରୁଜ ଆଦି ପ୍ରସ୍ତୁତ କରିବ । ସଂଗୃହୀତ ଗୁଆ ମହାପ୍ରଭୁଙ୍କ ବିଡ଼ିଆ ପାନ ପାଇଁ ବ୍ୟବହାର କରାଯିବ ।

ମରଣଯନ୍ତା ପାଲଟିଛି ଦୁଆରଶୁଣି ଘାଟି : ପ୍ରଶାସନ ନୀରବ

କଳାବାଡ଼ିଆ / ବାଙ୍ଗିରିପୋଷି, ନ୍ୟୁଜ ବ୍ୟୁରୋ
'ଡେଥ୍ ଜୋନ୍' ପାଲଟିଥିବା ମୟୂରଭଞ୍ଜ ବାଙ୍ଗିରିପୋଷି ବ୍ଲକ୍ ୪୯ ନମ୍ବର ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଗୋଟିଏ ସ୍ଥାନରେ ଯାତ୍ରା ସାରି ଆଉ ଗୋଟିଏ ସ୍ଥାନକୁ ଯାଉଥିବା ବେଳେ ଏକ ଅପେରା ପାର୍ଟିର ଟ୍ରକ୍ ଭାରସାମ୍ୟ ହରାଇ ୨୦ ଫୁଟ୍ ତଳକୁ ଖସିପଡ଼ିବା ଫଳରେ ୬ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ଜଣ ଗୁରୁତର ଆହତ ହୋଇଛନ୍ତି । ଏହି ହୃଦୟବିଦାରକ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ମୃତାହତଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଓ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାସୂତ୍ରରୁ ପ୍ରକାଶ ଯେ ମକର ମେଳା ଉପଲକ୍ଷେ ରାଇରଙ୍ଗପୁର ଉପଖଣ୍ଡ ବହଳଦା ବ୍ଲକ୍‌ର ବାସିଙ୍ଗିଠାରେ ୨୦ରୁ ୨୩ ତାରିଖ ଯାଏ ୪ ଦିନ ଧରି ଯାତ୍ରା ପରିବେଷଣ କରୁଥିଲା ଧଉଳି ଗଣନାଟ୍ୟ । ମଙ୍ଗଳବାର ରାତିରେ ଶେଷ ନାଟକ ମଞ୍ଚସ୍ଥ ହୋଇଥିଲା । ଏହାପରେ ଆଜି (ବୁଧବାର)ଠାରୁ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ର ସୁଲପଟାରେ ଏହି ଅପେରା ପାର୍ଟି ଯାତ୍ରା ପରିବେଷଣ କରିଥା'ନ୍ତେ । ଏଥିପାଇଁ ସକାଳୁ ସକାଳୁ କଳାକାର ଓ ଅନ୍ୟମାନେ ବିଭିନ୍ନ ଗାଡ଼ିରେ ଦଳ ଦଳ ହୋଇ ଜଳେଶ୍ୱର ଅଭିମୁଖେ ବାହାରି ଯାଇଥିଲେ । ଶେଷ ଟ୍ରକ୍ (ଓଆର ୦୪ଇ-୭୪୭୩)ରେ ସମସ୍ତ ଲାଇଟ୍ ଓ ସାଉଣ୍ଡ ସରଞ୍ଜାମ (ବଡ଼ ବଡ଼ ସାଉଣ୍ଡବକ୍ସ ଓ ସ୍ପିକର) ଯାଉଥିଲା । ଟ୍ରକ୍‌ରେ ଡ୍ରାଇଭରଙ୍କ ସମେତ ମୋଟ୍ ୧୮ ଜଣ ଥିଲାବେଳେ ସେଥିରୁ ଅଧିକାଂଶ ଥିଲେ ଲାଇଟ୍-ସାଉଣ୍ଡ ଅପରେଟର । ଦିନ ପ୍ରାୟ ସାଢ଼େ ୧୧ଟା ସମୟରେ ଟ୍ରକଟି ଦୁଆରଶୁଣି ଘାଟିରୁ ତଳକୁ ଓହ୍ଲାଉଥିବା ବେଳେ ଶେଷ ବାଙ୍କରେ ଗାଡ଼ି ଉପରୁ ଚାଳକ ଭାରସାମ୍ୟ ହରାଇ ବସିଥିଲେ । ଘନ କୁହୁଡ଼ି, କୋହଲା ପାଗ ଓ ଲଗାଣ ବର୍ଷା ଯୋଗୁଁ ଖସଡ଼ା ରାସ୍ତାରେ ଗାଡ଼ିର ବ୍ରେକ୍ ନ ଲାଗିବାରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଟ୍ରକ୍‌ର ଇଞ୍ଜିନ୍ ରାସ୍ତା ଉପରେ ଥିଲେ ବି ଡାଲା ସହ ବଡ଼ବଡ଼ ବାକ୍ସ ସବୁ ଘାଟି ତଳକୁ ଗଡ଼ି ଯାଇଥିଲା । ଦୁର୍ଭାଗ୍ୟକୁ ବାକ୍ସ ଉପରେ ବସିଥିବା ଲାଇଟ୍ ଅପରେଟର ଓ ଶ୍ରମିକମାନେ ବାକ୍ସ ସହ ତଳକୁ ଖସି ପଡ଼ିଥିଲେ ଓ ଓଜନଦାର ବାକ୍ସଗୁଡ଼ିକ ସେମାନଙ୍କ ଉପରେ ପଡ଼ି ଯାଇଥିଲା । ଓଜନିଆ ବାକ୍ସକୁ ହଟାଇ ତା' ତଳୁ ବାହାରିବା କାହାପକ୍ଷରେ ସମ୍ଭବପର ନଥିଲା । ଟ୍ରକ୍ ପଛରେ ବାଇକ୍ ଧରି ଆସୁଥିବା ଜଣେ ଯାତ୍ରାପାର୍ଟି କର୍ମଚାରୀ ତୁରନ୍ତ ଏ ସଂପର୍କରେ ବାଙ୍ଗିରିପୋଷି ଥାନା ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ତେବେ ଲଗାଣ ବର୍ଷାରେ ଓଜନିଆ ବାକ୍ସଗୁଡ଼ିକୁ ହଟାଇ ମୃତାହତଙ୍କୁ ଉଦ୍ଧାର କରିବା ଚ୍ୟାଲେଞ୍ଜ ହୋଇଥିଲା । ପ୍ରାୟ ୪ ଘଣ୍ଟାର ପରିଶ୍ରମ ପରେ ୬ ଜଣଙ୍କର ମୃତଦେହ ଓ ୯ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା ।

ମୃତକଙ୍କ ମଧ୍ୟରେ ଅଛନ୍ତି କଟକ ଜିଲ୍ଲା ନେମାଳ ଥାନା ଜମରା ଗ୍ରାମର ଅଶୋକ ମଲ୍ଲିକ (୩୫), ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଭୁରୁଡ଼ବଣି ଗ୍ରାମର ଝାଡ଼େଶ୍ୱର ମାରାଣ୍ଡି (୫୦) ଓ ମଥ ମୁର୍ମୁ (୩୦) । ଅନ୍ୟ ୩ ଜଣଙ୍କର ଏଯାଏ ପରିଚୟ ମିଳିପାରିନି । ସେହିପରି ଆହତଙ୍କ ମଧ୍ୟରେ ଅଛନ୍ତି କଟକ ନେମାଳ ଥାନା ଅଞ୍ଚଳର ରବି ସାମଲ (୪୮), ବସନ୍ତ କୁମାର ଭୋଳ (୪୨), ସଞ୍ଜୟ ବଳ (୪୫), ମୟୂରଭଞ୍ଜ ରାସଗୋବିନ୍ଦପୁର ଥାନା ଭୁରୁଡ଼ୁବଣି ଗ୍ରାମର ରାମଜିତ ମାରାଣ୍ଡି (୨୦), ଭୀମ କିସ୍କୁ (୧୮), ହରିଶଚନ୍ଦ୍ର ହାଁସଦା (୩୦), ଖୁଣ୍ଟା ଥାନା ସାତଫୁଲିଆ ଗ୍ରାମର ଜିତେନ୍ଦ୍ର ସିଂ (୨୦) ଓ ପଶ୍ଚିମବଙ୍ଗ ଅଙ୍ଗାରପଦାର ରୂପଚନ୍ଦ୍ର ମାରାଣ୍ଡି (୨୧) । ପୁଲିସ ଅନ୍ୟ ଜଣଙ୍କର ପରିଚୟ ଖୋଜୁଛି । ସମସ୍ତ ମୃତଦେହ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି । ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବାରିପଦା ପିଆରଏମ୍ ମେଡିକାଲ କଲେଜ ହାସପାତାଳକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ, ଟ୍ରକ୍ ଡ୍ରାଇଭର ଗାଡ଼ିରୁ ଡେଇଁ ଫେରାର ହୋଇ ଯାଇଥିବା ବେଳେ ୨ ଜଣ ସୁରକ୍ଷିତ ଭାବେ ବର୍ତ୍ତି ଯାଇଛନ୍ତି । ଅତିରିକ୍ତ ଏସ୍‌ପି ଉମେଶ ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି ।

ଗୋଟିଏପଟେ ଏହି ଘଟଣା ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଅନ୍ୟପଟେ ଦୁଆରଶୁଣି ଘାଟରେ ବାରମ୍ବାର ଦୁର୍ଘଟଣାକୁ ନେଇ ଚିନ୍ତା ପ୍ରକାଶ ପାଇଛି । ବାରିପଦା ଜିଲ୍ଲା ମହକୁମାରୁ ରାଇରଙ୍ଗପୁର ଉପଖଣ୍ଡକୁ ସଂଯୋଗ କରୁଥିବା ଏହି ବିପଦପୂର୍ଣ୍ଣ ୯ କିଲୋମିଟର ଘାଟି ରାସ୍ତାରେ କେବଳ ବର୍ଷକ ମଧ୍ୟରେ (୨୦୨୩ ଜାନୁଆରିରୁ ୨୦୨୪ ଜାନୁଆରି ୨୪ ତାରିଖ ସୁଦ୍ଧା) ମୋଟ୍ ୫୩ଟି ଦୁର୍ଘଟଣା ଘଟିଛି । ଯେଉଁଥିରେ ୩୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୬ ଜଣ ଗୁରୁତର ଓ ୪୫ ଜଣ ଆହତ ହୋଇଛନ୍ତି । କେବଳ ଚଳିତ ଜାନୁଆରି ମାସରେ ୧୦ ଜଣଙ୍କର ଜୀବନ ଗଲାଣି । ଏଥିରୁ ଅନୁମାନ କରାଯାଇପାରେ ଏହି ଘାଟି ରାସ୍ତା କେତେ ବିପଦଜନକ । ବାରମ୍ବାର ଏଠାରେ ଧନଜୀବନ ହାନି ହେଉଥିଲେ ସୁଦ୍ଧା ଦୁର୍ଘଟଣା ରୋକିବା ଦିଗରେ କିଛି ଠୋସ୍ ପଦକ୍ଷେପ ନିଆଯାଉନି ।

ଯଦିଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶୋଇ ବ୍ଲକ୍‌ର ଖଡ଼ମବେଡ଼ାରୁ ବାଙ୍ଗିରିପୋଷି ବ୍ଲକ୍ ଚନ୍ଦନପୁର-କତରା ଦେଇ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି, ହେଲେ ଏହା ସମ୍ପୂର୍ଣ୍ଣ ହେବାକୁ ବେଶ କିଛି ଦିନ ଲାଗିବ । ସେପଟେ ହାତୀଙ୍କ ସୁରକ୍ଷା ଓ ଜଙ୍ଗଲ ଅଞ୍ଚଳର ଦ୍ୱାହି ଦେଇ ଦୀର୍ଘବର୍ଷ ହେଲା ଘାଟି ରାସ୍ତାର ପ୍ରଶସ୍ତୀକରଣ ପ୍ରସ୍ତାବକୁ ମଞ୍ଜୁରି ଦେଉନଥିଲା କେନ୍ଦ୍ର ପରିବେଶ ମନ୍ତ୍ରାଳୟ । ତେବେ ବାରମ୍ବାର ଆନ୍ଦୋଳନ ପରେ ୨ ମାସ ତଳେ ରାସ୍ତା ସମ୍ପ୍ରସାରଣ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ଏହାଛଡ଼ା ଘାଟି ଦେଇ ଉଭୟ ପାର୍ଶ୍ୱକୁ ହାତୀ ଚଳପ୍ରଚଳ ପାଇଁ ୯ଟି ହାତୀ କରିଡର ନିର୍ମାଣ ପାଇଁ ମଧ୍ୟ ସ୍ଥିର ହୋଇଛି । ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନିକଟରେ ଘୋଷଣା କରିଥିଲେ ମଧ୍ୟ ଏଯାଏ ଟେଣ୍ଡର ହୋଇନି । ତେଣୁ କେବେ କାମ ଆରମ୍ଭ ହେବ, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ, ବାରମ୍ବାର ଦୁର୍ଘଟଣା ଯୋଗୁଁ ଫେବ୍ରୁଆରି ୨ରେ ଭଞ୍ଜସେନା ଦୁଆରଶୁଣିରେ ରାସ୍ତା ଅବରୋଧ କରିବ ବୋଲି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି ।

ନନ୍ଦନକାନନ ଆସିଲା ଯାଜପୁରରୁ ଉଦ୍ଧାର ହିମ ଶାଗୁଣା

ବାରଙ୍ଗ, ନ୍ୟୁଜ ବ୍ୟୁରୋ
ଯାଜପୁରରୁ ଉଦ୍ଧାର ହୋଇଥିବା ବିରଳ ପ୍ରଜାତିର ହିମ ଶାଗୁଣାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି । ତାକୁ ପ୍ରାଣୀ ଚିକିତ୍ସାକେନ୍ଦ୍ର ପରିସରସ୍ଥ କ୍ୱାରେଣ୍ଟାଇନ୍ କକ୍ଷରେ ରଖି ଚିକିତ୍ସା କରାଯାଉଛି । ଏହି ହିମ ଶାଗୁଣାଟି ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ପୀଡ଼ିତ ଥିବା ଜଣାପଡ଼ିଛି । ଏଥିସହିତ ଦୀର୍ଘ ପଥ ଅତିକ୍ରାନ୍ତ କରି ଆସିଥିବାରୁ ସେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ମାଂସପେଶୀ ସଙ୍କୁଚିତ ହୋଇଯାଇଥିବାରୁ ତା'ଠାରେ ସାଲାଇନ୍ ଲଗାଇବା କାଠିକର ପାଠ ହୋଇଥିଲା । କିନ୍ତୁ ସନ୍ଧ୍ୟା ସୁଦ୍ଧା ତା'ଠାରେ ସାଲାଇନ୍ ଲଗାଯାଇଛି ଏବଂ ଅନ୍ୟାନ୍ୟ ପ୍ରତିଷେଧକ ଔଷଧ ଦିଆଯାଇଛି । ସାଧାରଣତଃ ଏହି ପ୍ରଜାତିର ଶାଗୁଣା ଓଡ଼ିଶାରେ ଦେଖାଯାଆନ୍ତି ନାହିଁ । ଏହି ବୃହଦ୍‌କାୟ ଶାଗୁଣା ଭାରତର ସୀମାନ୍ତବର୍ତ୍ତୀ ପାକିସ୍ତାନ ସଂଲଗ୍ନ ହିମାଳୟ ପାର୍ବତ୍ୟମାଳା ଅଞ୍ଚଳରେ ଦେଖାଯାଆନ୍ତି । ଘନ କୁହୁଡ଼ି କାରଣରୁ ଏହା ଦିଗହରା ହୋଇ ଉଡ଼ିଉଡ଼ି ଓଡ଼ିଶାକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ୨୦୧୦ ମସିହାରୁ ଏମିତି ଉଦାହରଣ ଦେଖିବାକୁ ମିଳୁଛି । ଶୀତଋତୁରେ ଏହି ପ୍ରଜାତିର ଶାଗୁଣା ଓଡ଼ିଶାରେ ଦେଖାଯାଉଛନ୍ତି । ଖାଦ୍ୟ ଅନ୍ୱେଷଣ



କରୁକରୁ ଘନ କୁହୁଡ଼ିରେ ବାଟବଣା ହୋଇ ଏହି ପ୍ରଜାତିର ଶାଗୁଣାମାନେ ଓଡ଼ିଶାକୁ ଚାଲିଆସୁଛନ୍ତି । ବ୍ରହ୍ମଗିରି, ପୁରୀ ଓ ବାଲେଶ୍ୱରରୁ ୮ଟି ହିମ ଶାଗୁଣାଙ୍କୁ ଉଦ୍ଧାର କରି ନନ୍ଦନକାନନକୁ ଅଣାଯାଇଛି । ସେମାନଙ୍କ ମଧ୍ୟରୁ ୬ଟି ଜୀବିତ ଅଛନ୍ତି । ତେଣୁ ଏବେ ଏହି ଶାଗୁଣା ସଂଖ୍ୟା ୭କୁ ବୃଦ୍ଧି ପାଇଛି ।

ଗଣତନ୍ତ୍ର ଦିବସ ୨୦୨୪ରେ ନବୀନ ନିଓ୍ୱାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

୩୦ରୁ ଆରମ୍ଭ ହେବ ଏକ୍ସପୋ ୨୦୨୪

ବାଲେଶ୍ୱର, ନ୍ୟୁଜ
ଆସନ୍ତା ୩୦ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୪ ତାରିଖରେ ସରିବ ଏକ୍ସପୋ ଓଡିଶା-୨୦୨୪ । ବାଲେଶ୍ୱର ଆଇ ଟିଆଇ ପଡିଆରେ ଗତ ୨୦୦୩ରୁ ଦୀର୍ଘ ୧୯ ବର୍ଷ ଧରି ପାଳିତ ହୋଇ ଆସୁଥିବା ଏକ୍ସପୋ ଓଡିଶା ଚଳିତ ବର୍ଷ ୨୦ ବର୍ଷରେ ପଦାର୍ପଣ କରିବ । ଉତ୍ତର ଓଡିଶାର ସର୍ବବୃହତ ଶିଳ୍ପ ବାଣିଜ୍ୟ ମେଳା ଭାବେ ପରିଚିତ ଏହି ଏକ୍ସପୋ ଚଳିତ ବର୍ଷ ୬ ଦିନ ଧରି ଅନୁଷ୍ଠିତ ହେବ । ଏମ ଏସ ଏମ ଇ ବିଭାଗ, ଓଡିଶା ସରକାର,ଏମ ଏସ ଏମ ଇ- ଡି ଏଫ ଓ,ଭାରତ ସରକାର,କଟକ, ଜିଲ୍ଲା ପ୍ରଶାସନ, ବାଲେଶ୍ୱର,ଏବଂ ନୋସିର ମିଳିତ ଆନୁକୂଲ୍ୟରେ ଏହି ବିଶାଳ ମେଳା ଆୟୋଜିତ ହେବ ବୋଲି ଆଜି ସ୍ଥାନୀୟ ଉଦ୍ୟୋଗ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏଥିରେ ପ୍ରାୟ ୩୦୦ରୁ ୩୫୦ଟି ଷ୍ଟଲ ଖୋଲାଯିବ ।ସେଥିରେ ମିଶନ ଶକ୍ତିର ୧୫ଟି,କୁଟୀର ଶିଳ୍ପର ୧୨ଟି, ଜିଲ୍ଲା ଶିଳ୍ପ କେନ୍ଦ୍ରର ୨୦ ଟି ଷ୍ଟଲ ରହିବ ।ଜିଲ୍ଲା ତଥା ଜିଲ୍ଲା ବାହାରୁ ଓ ଅନ୍ୟ ରାଜ୍ୟରୁ ବିଭିନ୍ନ ଶିଳ୍ପ ସଂସ୍ଥା, ବାଣିଜ୍ୟ ସଂସ୍ଥା, ଶିକ୍ଷାନୁଷ୍ଠାନ,ଅଟୋମୋବାଇଲ, ହୋଟେଲ, ରେଷ୍ଟୋରାଁ ମାନେ ଭାଗ ନେଉଛନ୍ତି । ପ୍ରତି ସଂଧ୍ୟାରେ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ତଥା ସୁନାମଧନ୍ୟ କଳାକାର ମାନଂକ ଦ୍ୱାରା ପରିବେଷିତ ହେବ । ଜନସାଧାରଣ ଏହି ମେଳାକୁ ଭରପୁର ଉପଭୋଗ କରିବା ପାଇଁ ସପରିବାର ଆସିବାକୁ ବାଲେଶ୍ୱର ଜିଲ୍ଲା ଶିଳ୍ପ ଓ ବାଣିଜ୍ୟ ସଂଘର ସଭାପତି ସଂଜୟ କୁମାର ଦାସ ଅନୁରୋଧ କରିଛନ୍ତି । ଏହି ସମ୍ବାଦଦାତା ସମ୍ମିଳନୀରେ ସଂଘର ସାଧାରଣ ସଂପାଦକ ସୁନୀଲ କୁମାର ମୋଦି,ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂସ୍ଥାର ସଭାପତି ବିବେକ ରାଜ ବାଜପେୟୀ,ନୋସିର ସଭାପତି ପି କେ ଡାଭେ , ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଣବ କୁମାର ନାୟକ,ମହିଳା ଶିଳ୍ପଦ୍ୟୋଗୀ ସ୍ୱୀକୃତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବାଦ ଦାତାମାନଂକର ଜିଜ୍ଞାସାର ଉତ୍ତର ରଖିଥିଲେ ।

ଗଣତନ୍ତ୍ର ଦିବସ ୨୦୨ ରେ ନବୀନ ନିବାସରେ ସ୍କୁଲ ପିଲାମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । (ଫଟୋ : ସମ୍ବାଦ କଳିକା)

ଉଲ୍ଲେଖନୀୟ ସେବା ପାଇଁ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କୁ ମିଳିଲା ରାଜ୍ୟପାଳ ପଦକ

ଛତ୍ରପୁର, ନ୍ୟୁଜ ବ୍ୟୁରୋ
ଉଲ୍ଲେଖନୀୟ ସେବା, ସାହସିକତା ଓ ବିଶିଷ୍ଟ ସେବା ପାଇଁ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କୁ ମିଳିଲା ସମ୍ମାନ ଜନକ ରାଜ୍ୟପାଳ ପଦକ । ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ଗଞ୍ଜାମ ଏସପି ଶ୍ରୀ ମୀନାଙ୍କୁ ୨୦୨୩ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି । ଏନେଇ ଭୁବନେଶ୍ୱର ଲୋକସେବା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ ତାଙ୍କୁ ଏହି ସମ୍ମାନ ଜନକ ପଦକ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ସମ୍ମାନ ଜନକ ପଦକ ମିଳିଲା ପରେ ଏସପି ଜଗମୋହନ ମୀନାଙ୍କୁ ଓଡ଼ିଶା ପୁଲିସ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ବରିଷ୍ଠ ଆଇପିଏସ ଅଧିକାରୀ ଜଗମୋହନ ମୀନା ୨୦୨୩ ଜାନୁଆରୀ ୮ରେ ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ବିଭିନ୍ନ କ୍ଷେତ୍ର ରେ ପ୍ରଦର୍ଶନ କରି ରାଜ୍ୟ ଓ ଦେଶରେ ସୁନାମ ଆଣିଛନ୍ତି । ଅପରାଧ ରୋକିବା, ଆଇନ ଶୃଙ୍ଖଳା ଆଦି କ୍ଷେତ୍ରରେ ଗଞ୍ଜାମ ଏସପି କାର୍ଯ୍ୟଶୈଳି ଖୁବ ପ୍ରଶଂସନୀୟ । ୨୦୨୩ ବର୍ଷରେ ପ୍ରଗତି ଡ୍ୟାସବୋର୍ଡ ମାର୍କିଂରେ ଗଞ୍ଜାମ ପୁଲିସ ଜିଲା ପ୍ରଥମ ସ୍ଥାନ ରହିଥିଲା । କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ (ସିସିଟିଏନ୍‌ଏସ୍) ପଦ୍ଧତିରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇବାରେ ଗଞ୍ଜାମ ପୁଲିସ ଜିଲା ରାଜ୍ୟରେ ପ୍ରଥମ ହୋଇପାରିଛି ।

ସାମାନ୍ୟ ବର୍ଷାରେ ଭୁଶୁଡ଼ିଲା ୧୦ ଲକ୍ଷ ଟଙ୍କାର ଅସ୍ଥାୟୀ ପୋଲ

ରେଙ୍ଗାଲିକ୍ୟାମ୍ପ, ନ୍ୟୁଜ ବ୍ୟୁରୋ
ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୮ ଜାନୁଆରୀ ୨୦୨୪ ରବିବାର

।।।।।।।।।।।।।।।।।। ନୂଆଦିଲ୍ଲୀରେ କୌଶଳ ଭବନର ଉଦ୍‌ଘାଟନ କଲେ ରାଷ୍ଟ୍ରପତି ।।।।।।।।।।।।।।।।।।

ଦକ୍ଷତା ବିକାଶକୁ ନୂଆ ଶିଖରକୁ ନେବା ପାଇଁ ପ୍ରେରିତ କରିବ:ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ନୂତନ କୌଶଳ ଭବନର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ, ସଂକଳ୍ପ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଭଳି ସରକାରଙ୍କ ବିଭିନ୍ନ ମହିଳା ଲାଭାର୍ଥୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରଦର୍ଶନୀ ଷ୍ଟଲ୍‌କୁ ବୁଲିବା

ସହ ଲାଭାର୍ଥୀଙ୍କ ସହ କଥା ହୋଇଥିଲେ। କୌଶଳ ଭବନର ଉଦ୍‌ଘାଟନ ପାଇଁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇବା ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଅତ୍ୟାଧୁନିକ କୌଶଳ ଭବନ ଦକ୍ଷତା ପରିସଂସ୍ଥାନ ସହ ସମନ୍ୱୟକୁ ଅଧିକ ସୁଗମ କରିବ । ଦକ୍ଷତା ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ । ସ୍କିଲକୁ ଲୋକ ସଶକ୍ତିକରଣ ତଥା ବିକଶିତ ଭାରତର ସାରଥୀ ହେବା ଦିଗରେ ଆମ ସମସ୍ତଙ୍କୁ ପ୍ରେରଣା ଦେବ । ଏହି ଭବନର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେବଗଡ଼ର ପିଏମ ଜନମନ ଯୋଜନାର ଲାଭାର୍ଥୀ ରୁପାଲି ଦେହୁରୀଙ୍କୁ ଭେଟି ତାଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସେ ଟ୍ୱିଟ୍ କରି କହିଛନ୍ତି ଯେ ଶ୍ରୀମତୀ ଦେହୁରୀ ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ମହିଳା ଆଧାରିତ ବିକାଶର ଉଦାହରଣ । ପିଏମ ଜନମନରେ ଦକ୍ଷତା ତାଲିମ ନେଇ ନିଜ ଜୀବିକା ଯାତ୍ରାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ମୋଦି ସରକାରଙ୍କ ଯୋଜନା ଏବଂ ମୋଦି ଗ୍ୟାରେଣ୍ଟି ତୃଣମୂଳ ସ୍ତରରେ ଲୋକଙ୍କ ଜୀବନ ଜୀବିକାକୁ ପରିବର୍ତ୍ତନ କରିଛି । ଉଲ୍ଲେଖନୀୟ ଯେ, ୨୦୧୯ ମାର୍ଚ୍ଚରେ କୌଶଳ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏହି ଭବନ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସମେତ ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ବ୍ୟବସାୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ପାଇଁ ରାଷ୍ଟ୍ରୀୟ ପରିଷଦ ତଥା ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ପାଇଁ କାର୍ଯ୍ୟାଳୟର କାମ କରାଯିବ ।

ସ୍ୱର୍ଣ୍ଣ ପଦକ ପାଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ୫-ଟି ଅଧକ୍ଷ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଆପେକ୍ସ ଆଙ୍ଗ୍‌ଲୋ ଆରାବିକ ସ୍କୁଲର ଛାତ୍ର ସାହାଦତ ଖାନ ନେପାଳ ଠାରେ ହେଇଥିବା ଆନ୍ତର୍ଜାତୀୟ ଦୌଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସାହାଦତ ପିଲାବେଳୁ ଦୈନିକ ସକାଳୁ ୭ ରୁ ୮ କିମି ଦୌଡର ଅଭ୍ୟାସ କରୁଛନ୍ତି । ସେ ଆନ୍ତର୍ଜାତୀୟ ସ୍ତରରେ ହେଉଥିବା ଦୌଡ ପ୍ରତିଯୋଗିତାରେ ୭ କମି ଦୌଡି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ନବୀନ ନିବାସରେ ୫ଟି ଅଧକ୍ଷ ଭି.କେ ପାଣ୍ଡିଆନଙ୍କୁ ପିଲା ଭେଟିବା ପରେ ଅଧକ୍ଷ ଶ୍ରୀ ପାଣ୍ଡିଆନ ପିଲାକୁ

ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓ୍ୱାକଫ ବୋର୍ଡର ଚେୟାରମ୍ୟାନ ସେକ୍ ନିଜାମୁଦ୍ଦିନ, ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ସେକ ଇନାୟତ, ଆପେକ୍ସ ଆଙ୍ଗ୍‌ଲୋ ଆରାବିକ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଶୀର୍ବାଦ ଦେଇଥିଲେ ।

ଶୀତ ଆସରରେ କାବ୍ୟିକ ଧାରାର ପ୍ରବାହ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଲେଖିକା ସଂସଦ ଆନୁକୁଲ୍ୟରେ ମହେନ୍ଦ୍ର ଭବନ ଐତିହ୍ୟ କକ୍ଷ ବିବକୋନନ୍ଦ ପାଠଭବନରେ ଏକ ସାରସ୍ୱତ ସମାରୋହ ୨୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ମନୋଜ୍ଞ ସମାବେଶରେ ଅନୁପମ ଶୀତ ଆସରଟିଏ ଅନୁଷ୍ଠିତ ହୋଇ କବିତା ପାଠୋତ୍ସବର ଏକ ବର୍ଣ୍ଣାଢ୍ୟ କାବ୍ୟିକ ଧାରାର ପ୍ରବାହ ଦେଖିବାକୁ ମିଳିଥିଲା । ସଭାର ପ୍ରାରମ୍ଭରେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ ରଶ୍ମିରେଖା ପରମାଣିକ । ପୁଷ୍ପଗୁଚ୍ଛ ପ୍ରଦାନ ପରେ ପ୍ରଦୀପ ପ୍ରଜ୍ୱଳନ ଅବସରରେ ବେଦପାଠ କରିଥିଲେ ବିଜୟ ବହଳି, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡ. ସୋମା ଚାନ୍ଦ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଡ. ପ୍ରଭାତ ନଳିନୀ ମହାପାତ୍ର । ସଭା ପରିଚାଳନା କରିଥିଲେ ସଭାମୁଖ୍ୟ ବରିଷ୍ଠ ସାରସ୍ୱତ ସାଧିକା ଝରଣା ପଟ୍ଟନାୟକ । ମୁଖ୍ୟବକ୍ତା କବି ଓ ସୁବର୍ଣ୍ଣଶ୍ରୀର ପ୍ରକାଶକ କାଳୀପଦ ପଣ୍ଡା । ତାଙ୍କର ଅଭିଭାଷଣରେ କହିଥିଲେ, କବିତା ଲେଖିବାର ଉତ୍ସ ସବୁବେଳେ ବିୟୋଗାନ୍ତକ । କବିତାର ମୂଳମର୍ମ ସତ୍ୟ, ଶିବ ଓ ସୁନ୍ଦର । ମୁଖ୍ୟ ଅତିଥି ସୌରନ୍ଦ୍ରୀ ସାହୁ (କବି, ସମ୍ପାଦିକା, ଧ୍ୱନି, ପ୍ରତିଧ୍ୱନି) ଅଭିଭାଷଣରେ କହିଥିଲେ ହୃଦୟକୁ ଛୁଇଁଥିବା ଗଳ୍ପ ବା କବିତା ଲେଖିଲେ, ତାହା ପାଠକକୁ ଅଭିଭୂତ କରେ । ଏହି ଅବସରରେ ଡ. ସୋମା ଚାନ୍ଦଙ୍କର ପାଞ୍ଚଟି ବହି ଉନ୍ମୋଚିତ ହୋଇଥିଲା । ସଭାର ବିଶେଷ ଆକର୍ଷଣ ଥିଲା, ଗୀତ କବିତା ପାଠୋତ୍ସବ ଉପସ୍ଥିତ ସମସ୍ତ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରି ସଭାକୁ ଭାବମୟ କରିଥିଲେ । ୩୫ରୁ ଅଧିକ କବିତା ପାଠ ସଭାସ୍ଥଳକୁ ମନ୍ତ୍ରମୁଗ୍ଧ କରିଥିଲା । ଏଇ କବିତା ପାଠୋତ୍ସବର ସଂଯୋଜନା କରିଥିଲେ ଉଷାରାଣୀ ଜେନା ଓ ଦୀପ୍ତିମୟ ସାହୁ । କବିତା ଉତ୍ସବରେ ଉପସ୍ଥିତ ଥିଲେ ହୃଦାନନ୍ଦ ପାଣିଗ୍ରାହୀ, ରାମଚନ୍ଦ୍ର ପଣ୍ଡା, ଗୋଲକ ବିହାରୀ ସାହୁ, କିଶୋର ପାଣିଗ୍ରାହୀ, ଅଜୟ ନାୟକ, ଅଭିଜିତ୍ ନାୟକ ତଥା ଅନେକ ସାହିତ୍ୟପ୍ରେମୀ ସଂସଦର ସାଧକ ସାଧିକାଗଣ ସହ ସଂପାଦିକା ଡ. କାନନ ମହାନ୍ତି ସଭା ପରିଚାଳନା କରିଥିଲେ । ସଭାମୁଖ୍ୟଙ୍କ ବକ୍ତବ୍ୟ ପରେ ଧନ୍ୟବାଦ ଅର୍ପଣ କରିଥିଲେ କାଦମ୍ବିନୀ ମହାନ୍ତି ।

ଟାଟା ଷ୍ଟିଲ୍ ପକ୍ଷରୁ ୭୫ତମ ଗଣତନ୍ତ୍ର ଦିବସ ପାଳିତ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ଜେନେରାଲ ଅଫିସ ପରିସରରେ ଶୁକ୍ରବାର ଦିନ ଆନନ୍ଦ ଓ ଉତ୍ସାହର ସହ ୭୫ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଟାଟା ଷ୍ଟିଲ୍ କଳିଙ୍ଗନଗରର ମେକାନିକାଲ ମେଂଟେନାନ୍ସ ବିଭାଗର ମୁଖ୍ୟ ଶଙ୍କର ବିଶ୍ୱାସ ଟିଏସ୍‌କେର ବରିଷ୍ଠ ଅଧିକାରୀ, ସଂଘର ଅଧିକାରୀ ଏବଂ ଗୋଷ୍ଠୀ ନେତାଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଶଙ୍କର ବିଶ୍ୱାସ କହିଛନ୍ତି ଯେ, ଆମେ ଏହି ଐତିହାସିକ ଅବସରକୁ ପାଳନ କରୁଥିବା ବେଳେ ଆମ ଦେଶର ମୂଳଦୁଆ ତିଆରି କରୁଥିବା ନୀତି ଓ ମୂଲ୍ୟବୋଧ ଉପରେ ଚିନ୍ତା କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା, ସମାନତା ଏବଂ ବିବିଧତା ମଧ୍ୟରେ ଏକତାର ଆଦର୍ଶକୁ ବଜାୟ ରଖିଥିବା ଏକ ଦେଶର ଏକ ଅଂଶ ହୋଇଥିବାରୁ ଆମେ ଗର୍ବିତ । ଆମର ବିବିଧତା ହେଉଛି ଆମର ଶକ୍ତି ଏବଂ ଏହା ହିଁ ଆମ ଦେଶକୁ ଅନନ୍ୟ ଏବଂ ଜୀବନ୍ତ କରିଥାଏ । ଏହି ସାଧାରଣତନ୍ତ୍ର ଦିବସରେ ଆସନ୍ତୁ ଦେଶ ନିର୍ମାଣରେ ଯୋଗଦାନ କରିବା ଏବଂ ଭାରତକୁ ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ସଂକଳ୍ପ ନେବା । ଏହି ଉତ୍ସବରେ ଉତ୍ସର୍ଗୀକୃତ ଓ ଉଦାହରଣୀୟ ସେବା ପ୍ରଦର୍ଶନ କରିଥିବା ସୁରକ୍ଷା ଓ ଅଗ୍ନିଶମ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଯାଜପୁର ରୋଡ୍ ସ୍ଥିତ ବ୍ୟାସଭୂମି ଅନାଥ ଆଶ୍ରମର ପିଲାମାନଙ୍କୁ ପୁଷ୍କର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ବେଡ୍ ସିଟ୍ ଓ ତକିଆ ସହ ଜଳଖିଆ ବଣ୍ଟନ କରିଥିଲେ ।

ବାଣୀବିହାର -୮୦ର ବସ୍ତ୍ର ଓ ଅନ୍ନସେବା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ପବିତ୍ର ଗଣତନ୍ତ୍ର ଦିବସରେ ବାଣୀବିହାର ୮୦ ଆନୁକୁଲ୍ୟରେ କଟକ ବାଲିକୁଦା ନିକଟବର୍ତ୍ତୀ ଉତ୍ତମାପୁର ସ୍ଥିତ ସଞ୍ଜିବନୀ ଚାରିଟେବଲ ଫାଉଣ୍ଡେସନ୍ ପରିଚାଳିତ ଅନାଥାଶ୍ରମର ଶିଶୁମାନଙ୍କୁ କମ୍ବଳ ଓ ଖାଦ୍ୟଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଣୀବିହାର ୮୦ ଅନୁଷ୍ଠାନର ସଭାପତି ଶରତ ଦାଶ, ସମ୍ପାଦକ ଆଶୁତୋଷ ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରତାପ ମିଶ୍ର, ଶିଶିର ପରିଡ଼ା, ନିହାରୀକା ମିଶ୍ର, ଗୀତାଞ୍ଜଳି ମହାପାତ୍ର, ଅଲେଖ ନନ୍ଦୀ, ମହେଶ୍ୱର ରଥ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଅନୁଷ୍ଠାନର ଅଗ୍ରଣୀ ସଭ୍ୟ ଦୁର୍ଗା ଚରଣ ମଲ୍ଲୁ । ଆଗାମୀ ଫେବୃଆରୀ ୬ ତାରିଖରେ ବାଣୀ ବିହାର ୮୦ର ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ଡମଣା ସ୍ଥିତ ଏକ ବୃଦ୍ଧଶ୍ରମରେ ଆୟୋଜିତ ହେବ ।

ଦିଲ୍ଲୀରେ ବ୍ରହ୍ମପୁର ଝିଅଙ୍କ ଚିତ୍ରକଳା ପ୍ରଦର୍ଶନୀ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁରର ଝିଅ ମନିଷା ତ୍ରିପାଠୀଙ୍କ ଦ୍ୱାରା ଦିଲ୍ଲୀ ହଜଖସ୍ ସ୍ଥିତ ଲୋକାୟତ ଆର୍ଟ ଗ୍ୟାଲେରୀରେ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ମନିଷାଙ୍କ ଦ୍ୱାରା ବିଭିନ୍ନ ପ୍ରସଙ୍ଗ ଉପରେ କଳା ଓ କଳ୍ପନାକୁ ନେଇ ଆଧାରିତ ଫଟୋଚିତ୍ର ଗୁଡ଼ିକ ସାମିଲ ହୋଇଥିଲା । ୩ ଦିନ ଧରି ଚାଲିଥିବା ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଫିଲ୍ମ ନିର୍ମାତା ୟାସିମ୍ କିଦୱାଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ରୁକି ଚାଟାର୍ଜୀ, ଶ୍ରୀରାମ ଫାଉଣ୍ଡେସନ୍‌ର ମୁଖ୍ୟ ଅମନ୍ ପନ୍ଥ ଓ ଲୋକାୟତ ଆର୍ଟ ଗ୍ୟାଲେରୀର ସଭାପତି ସଞ୍ଜିବ ବର୍ମା ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ଦର୍ଶକ ଓ କଳାପ୍ରେମୀ ସାମିଲ ହୋଇଥିଲେ । କଳା ହେଉଛି ଏକ ସୃଜନଶୀଳତା । ଚିତ୍ରକଳା ପ୍ରତି ରୁଚି ରଖିଥିବା କଳାକାରମାନେ ନିଜର ପ୍ରତିଭାର ବିକାଶ କରନ୍ତୁ । ଏଥିପାଇଁ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇବି ବୋଲି ମନିଷା କହିଛନ୍ତି । ଚିତ୍ରକଳାରେ ତାଙ୍କର ୮ ରୁ ୧୦ ବର୍ଷ ହେଲା ଅଭିଜ୍ଞତା ରହିଛି । ମନିଷା ପୂର୍ବରୁ ବ୍ୟବସାୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ । କଳା ପ୍ରତି ରହିଥିବା ତାଙ୍କର ଦୁର୍ବଳତା ଯୋଗୁଁ ସେ କର୍ପୋରେଟ୍ ଦୁନିଆ ଛାଡ଼ି ଏବେ ଚିତ୍ରକଳାକୁ ଏକ ନୂଆ ରୂପ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଥିରେ ତାଙ୍କର ସ୍ୱାମୀ ଇଶାନ୍ ରଥ ସହଯୋଗ କରିଆସୁଛନ୍ତି ।

ମତ୍ସ୍ୟ ବିଭାଗ ନିର୍ଦ୍ଦେଶକଙ୍କ ବାଲେଶ୍ୱର ଗସ୍ତ ଓ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ବାଲେଶ୍ୱର, ନ୍ୟୁଜ୍

ମତ୍ସ୍ୟ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲମ୍ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ଏବଂ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି । ଏହି କ୍ରମରେ ରେମୁଣା ଠାରେ ନିର୍ମାଣାଧୀନ 'ହାଇଜେନିକ ଫିସ ମାର୍କେଟ' କାର୍ଯ୍ୟର ସମୀକ୍ଷା କରିବା ସହିତ ସମ୍ପୃକ୍ତ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ଯଥାଶୀଘ୍ର ପ୍ରକଳ୍ପଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ବାଲେଶ୍ୱର ଜୋନ୍ ଅନ୍ତର୍ଗତ ୩ଟି ଜିଲ୍ଲା ଯଥା- ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟ ସମୀକ୍ଷା କରିବା ସହିତ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକର ଧାର୍ଯ୍ୟ ଲକ୍ଷ୍ୟକୁ ଯଥାଶୀଘ୍ର ପୁରଣ କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ୧୪ତମ ଜାତୀୟ ମତଦାତା ଦିବସର ଶପଥ ପାଠ କରାଯାଇଥିଲା । ଏହି ବୈଠକରେ ବାଲେଶ୍ୱର ଜୋନ୍ ଉପମତ୍ସ୍ୟ ନିର୍ଦ୍ଦେଶକ, ତିନୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଓ ବୈଷୟିକ ମତ୍ସ୍ୟ ସହାୟକମାନେ ଉପସ୍ଥିତ ଥିଲେ । ଉକ୍ତ ସମୀକ୍ଷା ବୈଠକ ସମାପନ ପରେ ବସ୍ତା ବ୍ଲକର ବାହାର୍ଦ୍ଦାଠାରେ ନିର୍ମାଣ ହେବାକୁ ଥିବା 'ହୋଲ୍‌ସେଲ୍ ଫିସ୍ ମାର୍କେଟ୍'ର ସ୍ଥାନ ପରିଦର୍ଶନ କରିଥିଲେ । ଯଥାଶୀଘ୍ର କାର୍ଯ୍ୟାରମ୍ଭ ନିମନ୍ତେ ଉଚିତ୍ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ରେଳଧାରଣା ଉପରେ ଫସିରହିଲା ଯାନବାହନ

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ନିୟୁ ଏବଂ ବାରଙ୍ଗ ରେଳ ଷ୍ଟେସନ୍ ମଧ୍ୟରେ ଥିବା ପଦାସାହି ସ୍ଥିତ ରେଳ ଫାଟକରେ ଗୁରୁବାର ପୂର୍ବାହ୍ନରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ଗୋଟିଏ ପାର୍ଶ୍ୱର ଫାଟକରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଫଳରେ ଯାନବାହନ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳ ଧାରଣା ଉପରେ ଫସି ରହିଥିଲେ । ପ୍ରକାଶ ଯେ, ଗୁରୁବାର

ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ପଦାସାହି ସ୍ଥିତ ରେଳ ଫାଟକରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଯାହାଫଳରେ ପଦାସାହି ଗ୍ରାମ ପଟ ରେଳ ଫାଟକ ଖୋଲିନଥିଲା । ସେପଟେ ନନ୍ଦନକାନନ ପଟୁ ଆସୁଥିବା ଯାନବାହନ ସବୁ ରେଳଫାଟକ ଅତିକ୍ରାନ୍ତ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳ ଧାରଣା ଉପରେ ବିପଦପୂର୍ଣ୍ଣ ଭାବେ ଫସି ରହିଥିଲେ । ରେଳ ଫାଟକରେ କାର୍ଯ୍ୟରତ ଜଣେ କର୍ମଚାରୀ ବହୁ ଚେଷ୍ଟା କରିଥିଲେ । ସୁଦ୍ଧା କୌଣସି ସୁଫଳ ମିଳିନଥିଲା । ବହୁ ସମୟ ଧରି ଯାତାୟାତରେ ବାଧକ ସାଜିଥିଲା । ଖବରପାଇ ରେଳ ବିଭାଗର ଅନ୍ୟ କର୍ମଚାରୀ ଆସି ମରାମତି କରାଯିବା ପରେ ଫାଟକଟି ଖୋଲିଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା । ଏହି ସମୟ ଭିତରେ କୌଣସି ଟ୍ରେନ୍ ଆସିନଥିବାରୁ ରେଳ ଧାରଣା ଉପରେ ନିଜ ଗାଡି ଧରି ଛିଡା ହୋଇଥିବା ଲୋକମାନେ ଆଶ୍ୱସ୍ତି ଅନୁଭବ କରିଥିଲେ ।

ଅନନ୍ୟା ଦାସ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋମବାର ରାଜ୍ୟ ସରକାର ଆଇଏଏସ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି । ସୁବର୍ଣ୍ଣପୁରରେ ଗତ ଜୁନ୍ ମାସ ୪ ତାରିଖରେ ଯୋଗଦାନ କରିଥିବା ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କୁ ଇପିଏମ୍ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ସେହିପରି ନୂଆ ଜିଲ୍ଲାପାଳ ଭାବେ ୨୦୧୯ ବ୍ୟାଚ୍‌ର ଆଇଏଏସ ଅଫିସର ଅନନ୍ୟା ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଥିବା ବେଳେ ସେ ଏହା ପୂର୍ବରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ।

ସ୍ମୃତିର ସନ୍ତକ ରାୟବାହାଦୂର କୋଠା

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆସିଥିଲେ ଐତିହ୍ୟ ସମ୍ପନ୍ନ ସହର ବ୍ରହ୍ମପୁରକୁ । ଖଲ୍ଲିକୋଟ କଲେଜ ପଡ଼ିଆ ଏବଂ ପେଟ୍ରୋଲ୍ ପମ୍ପ୍ ଛକରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରାୟ ବାହାଦୂର କୋଠା ନେତାଜୀଙ୍କ ଗସ୍ତର ସ୍ମୃତିବହନ କରିଛି । ସେହି କୋଠାରେ ନେତାଜୀ ରାତ୍ରୀଯାପନ କରିଥିଲେ । ଖଲ୍ଲିକୋଟ କଲେଜ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଜାତୀୟ କଂଗ୍ରେସର ସଭାପତି ପଦ ତ୍ୟାଗ କଲାପରେ ନେତାଜୀ ଫରୱାର୍ଡ଼ ବ୍ଲକ୍ ନାମରେ ଏକ ନୂଆ ସଙ୍ଗଠନ ଗଢ଼ିଥିଲେ । ଓଡ଼ିଶାରେ ଏହି ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ୧୯୩୯ ଅଗଷ୍ଟରେ ଓଡ଼ିଶା ଗସ୍ତ କରିଥିଲେ ।

ଅଗ

ପକ୍ଷାଭିତ୍ତିକ
30 YEARS
ସମ୍ବାଦ କଳିକା

ଅଯୋଧାରେ ୨ ଲକ୍ଷ ଲୋକଙ୍କୁ ମିଳିପାରେ ରୋଜଗାର

ଜାନୁଆରୀ ୨୨ ତାରିଖରେ ବଡ଼ ଧୁମଧାମର ସହ ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ବାଳସ୍ୱରୂପ ମୂର୍ତ୍ତି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇ ସାରିଛି। ଏହା ପରଠୁ ଅଯୋଧା ନଗରୀକୁ ଦୈନିକ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ଏକ ରିପୋର୍ଟ ଅନୁଯାୟୀ, ଅଯୋଧାରେ ରାମ ମନ୍ଦିର ଉଦଘାଟନ ପରେ ଅଯୋଧା ଓ ଏହାର ଆଖପାଖ ସହରମାନଙ୍କରେ ଆଗାମୀ ୫ ବର୍ଷରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଦେଢ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ମିଳିପାରେ।

ଇକୋନୋମିକ୍ସ ଟାଇମ୍ସରେ ପ୍ରକାଶିତ ଖବର ଅନୁଯାୟୀ, ହ୍ୟୁମାନ କ୍ୟାପିଟାଲ ସାସ ପ୍ଲାଟଫର୍ମ କହିଛି ଯେ, ଶ୍ରୀ ରାମ ମନ୍ଦିରର ଉଦଘାଟନ ଯୋଗୁଁ ଆଗାମୀ ୪ରୁ ୫ ବର୍ଷରେ ଅଯୋଧାରେ ଦେଢ ଲକ୍ଷରୁ ଦୁଇ ଲକ୍ଷ ଲୋକଙ୍କୁ ରୋଜଗାର ମିଳିବାର ସମ୍ଭାବନା ରହିଛି। ବେଟରପ୍ଲସର ସହ ସଂସ୍ଥାପକ ତଥା ଗ୍ରୁପ ଚିଫ ଏକଜିକ୍ୟୁଟିଭ୍ ପ୍ରବୀଣ ଅଗ୍ରୱାଲ କହିଛନ୍ତି, ରାମନଗରୀରେ ହୋଟେଲ ଶିଳ୍ପ, ଆପାର୍ଟମେଣ୍ଟ, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟ ଭିତ୍ତିଭୂମିର ବିସ୍ତାର ହେବ। ଯାହା ଫଳରେ ଆଗାମୀ କିଛି ବର୍ଷରେ ୫୦ ହଜାରରୁ ଏକ ଲକ୍ଷ ପର୍ଯ୍ୟନ୍ତ ତତ୍କାଳ ନିଯୁକ୍ତିର ସୁଯୋଗ ମିଳିବ।

ବେଟରପ୍ଲସ ଅନୁଯାୟୀ, ଆଗାମୀ କିଛି ବର୍ଷରେ ଅଯୋଧାରେ ପ୍ରତି ବର୍ଷ ୫ କୋଟି ଭକ୍ତଙ୍କ ଆଗମନ ଘଟିବ। ଆଗାମୀ କିଛି ମାସରେ ୧ରୁ ୨ ଲକ୍ଷ ପର୍ଯ୍ୟଟକଙ୍କ ଆଗମନ ଘଟିବ, ଯେଉଁଥିରେ ୧୦ ହଜାରରୁ ୩୦ ହଜାର ନିଯୁକ୍ତି ତୁରନ୍ତ ସୃଷ୍ଟି ହେବ। ଅଯୋଧାରେ ପର୍ଯ୍ୟଟନ କ୍ଷେତ୍ର ବ୍ୟାପକ ବିକାଶ ଘଟିବ। ହୋଟେଲଠୁ ନେଇ ବ୍ୟାଙ୍କିଂ ସେକ୍ଟରକୁ ଫାଇଦା ମିଳିବ। ହୋଟେଲ୍ ଶିଳ୍ପଠୁ ନେଇ ସବୁ ପ୍ରକାରର ସେବା ସଂପର୍କିତ କ୍ଷେତ୍ରର ବିକାଶ ଘଟିବ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ ନାମ ମହାତ୍ମ୍ୟ

ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୁଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

ଗଣତନ୍ତ୍ର ଦିବସର ଅନୁଚିନ୍ତା

ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ଜାନୁଆରୀ ୨୬ତାରିଖ , ୨୦୨୪ ମସିହା, ଆଜି ଦେଶ ୭୫ ତମ ଗଣତନ୍ତ୍ର ଦିବସ ପାଳନ କରୁଛି ଏହା ଆମ ପାଇଁ ଏକ ଗର୍ବର ବିଷୟ । ୧୯୫୦ ମସିହାରେ ଡକ୍ଟର ବି:ଆର :ଆମ୍ବେଦକର ଙ୍କ ଦ୍ୱାରା ଲେଖା ଯାଇଥିବା ସମ୍ବିଧାନ ପ୍ରଣୟନ ହୋଇ ଥିଲା ଏବଂ ଭାରତ ଏକ ସାର୍ବଭୌମ ଧର୍ମ ନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ପ୍ରତିବର୍ଷ ଏହି ଦିନଟିକୁ ଭାରତବାସୀ ଉତ୍ସାହର ସହିତ ପାଳନ କରନ୍ତି, ଦେଶର ରାଷ୍ଟ୍ରପତି ନୂଆଦିଲ୍ଲୀର ରାଜପଥ ଉପରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ରାଷ୍ଟ୍ରୀୟ ସଂଗୀତ ଗାନ ହୁଏ ଏବଂ ପରବର୍ତ୍ତୀ ସମୟରେ ଭାରତୀୟ ସ୍ଥଳ ସେନା , ବାୟୁ ସେନା, ଜଳ ସେନା, ପାରା ମିଲିଟାରୀ, ଅର୍ଦ୍ଧ ସାମରିକ ବାହିନୀ, ପୋଲିସ ବାହିନୀ, ଏନ: ସି : ସି ତଥା ଅନ୍ୟ ସ୍କୁଲ୍, କଲେଜ ଛାତ୍ର ଛାତ୍ରୀ ଯୋଗ ଦେଇ ଚିତାକର୍ଷକ ପରେଡ୍, ବାୟୁ ସେନାର ବିମାନ ଉଡାଣ ଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼/ କାରୁକାର୍ଯ୍ୟ ପୂର୍ଣ୍ଣ ରଥ, ନୃତ୍ୟ ଗୀତ ପରିବେଷଣ କରାଯାଇଥାଏ । ପ୍ରତିବର୍ଷ ଏହି ଦିବସରେ ଭାରତର ଯେ କୌଣସି ବନ୍ଧୁ ରାଷ୍ଟ୍ର ମୁଖ୍ୟଙ୍କୁ ନିମନ୍ତ୍ରିତ ଅତିଥି ରୂପେ ଡକାଯାଇ ସମ୍ମାନର ସହିତ ଅନୁଷ୍ଠାନକୁ ଉପଭୋଗ କରିବାର ବନ୍ଦୋବସ୍ତ ହୋଇ ଆସୁଛି ।

ଦେଶର ପ୍ରଥମ ରାଷ୍ଟ୍ରପତି ହିସାବରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ପ୍ରଥମେ ଗଣତନ୍ତ୍ର ଦିବସର ଆରମ୍ଭ କରିଥିଲେ, ୨୧ ଟି ତୋପ ସଲାମି ଦିଆ ଯାଇଥିଲା ଏବଂ ଚିରା ଚରିତ ଭାବେ ରାଷ୍ଟ୍ରୀୟ ଧ୍ୱଜ ଉତ୍ତୋଳନ ସହିତ ରାଷ୍ଟ୍ରୀୟ ଗାନ ଜନ ଗଣ ମନ... ଧ୍ୱନିରେ ଦିଲ୍ଲୀର ରାଜପଥ ଗୁଂଜାରିତ ହୋଇଥିଲା । ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ, ତୃତୀୟ ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ, ଚତୁର୍ଥ ରାଷ୍ଟ୍ରପତି ଭି : ଭି: ଗିରି, ପଞ୍ଚମ ରାଷ୍ଟ୍ରପତି ଫକୀରୁଦ୍ଦିନ୍ ଅଲ୍ଲୀ ଅହମଦ୍ , ଷଷ୍ଠ ରାଷ୍ଟ୍ରପତି ନିଲମ ସଂଜୀବ ରେଡଡି, ସପ୍ତମ ରାଷ୍ଟ୍ରପତି ଜ୍ଞାନୀ ଜୟଲ ସିଂ, ଅଷ୍ଟମ ରାଷ୍ଟ୍ରପତି ଆର : ଭେଙ୍କଟ ରାମ୍ମନ୍, ନବମ ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଲ ଶର୍ମା, ଦଶମ ରାଷ୍ଟ୍ରପତି କେ : ଆର : ନାରାୟଣାନ୍, ଏକାଦଶ ରାଷ୍ଟ୍ରପତି ଡକ୍ଟର ଏ :ପି:ଜେ: ଅବଦୁଲ୍ କାଲାମ୍, ଦ୍ୱାଦଶ ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ଦେବୀ ସିଂ ପାଟିଲ , ତୟୋଦଶ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ, ଚତୁର୍ଦଶ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଏବଂ ପଂଚଦଶ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ପର୍ଯ୍ୟନ୍ତ ଗଣତନ୍ତ୍ର ଦିବସକୁ ସମ୍ମାନର ସହିତ ପାଳନ କରି ଆସୁଛନ୍ତି ।

ଦେଶର ଏକତା ଏବଂ ଅଖଣ୍ଡତାକୁ ନଜରରେ ରଖି ୨୦୨୪ ଗଣତନ୍ତ୍ର ଦିବସର ଥିମ ହେଉଛି 'ବିକଶିତ ଭାରତ' ଏବଂ 'ଭାରତ ଲୋକତନ୍ତ୍ରର ମାତୃକା' ଦେଶର ଗର୍ବ, ଦେଶକୁ ଉନ୍ନତି ପଥରେ ଆଗେଇ ନେବା ଦେଶର ପ୍ରତିଟି ନାଗରିକଙ୍କ ସ୍ୱାଧୀନତା, କର୍ମ ସଂସ୍ଥାନ, ଖାଦ୍ୟ, ପେୟ , ଶିକ୍ଷା, ସ୍ୱାସ୍ଥ୍ୟ , ଶିଳ୍ପ, କୃଷି, ବିଜ୍ଞାନ, ମହାକାଶ ବିଜ୍ଞାନ, କଳା, ସାହିତ୍ୟ, ଧର୍ମ ନିରପେକ୍ଷତା ଉପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଦିଆ ଯାଉଥିବା ଭାଷଣକୁ ଯଦି ତର୍ଜମା କରିବା ତେବେ ଦେଖିବା ଯେ, ଆମେ ଆଉ ସେହି ୧୯୫୦ ମସିହାରେ ନାହୁଁ , ସରକାର ଆମର ଉନ୍ନତି ସହିତ କ୍ରମାଗତ ଭାବେ ଦେଶର ଉନ୍ନତି କରି ଚାଲିଛନ୍ତି, ପୃଥିବୀ ଆଜି ଭାରତ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ପୃଥିବୀର ସର୍ବ ବୃହତ ଗଣତନ୍ତ୍ର ଦେଶ ତଥା ଜନସଂଖ୍ୟା ଦୃଷ୍ଟିରୁ ମଧ୍ୟ ସର୍ବ ବୃହତ ରାଷ୍ଟ୍ର ଭାରତ ଆଜି ସର୍ବ ଗୁଣ ସମ୍ପନ୍ନ ମହାନ ଦେଶ ରୂପେ ପରିଗଣିତ। କେନ୍ଦ୍ର ତଥା ରାଜ୍ୟ ସରକାର ମାନେ ଜନ ସାଧାରଣଙ୍କ ହିତ ପାଇଁ ସଦା ସର୍ବଦା ଚେଷ୍ଟିତ, ଅନେକ ଉନ୍ନତି ମୂଳକ କାର୍ଯ୍ୟ ଦ୍ୱାରା ବିଶ୍ୱ ଦରବାରରେ ଭାରତ ସ୍ୱର୍ଣ୍ଣ ମୁକୁଟ ପିନ୍ଧିଛି, ଭାରତୀୟ ବୈଜ୍ଞାନିକ ଆଜି ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକ,ମହାକାଶ ବିଜ୍ଞାନରେ ଦେଶ ଅନ୍ୟ ବିକଶିତ ଦେଶ ମାନଙ୍କୁ ପଛରେ ପକାଇ ଦେଇ ପାରିଛି, ଏହାର ଶ୍ରେୟ ଉତ୍ତମ ଶାସନ ତଥା ନେତୃତ୍ୱ ଏବଂ ବିଜ୍ଞାନୀ ମାନଙ୍କୁ ଦିଆ ଯାଇ ପାରେ । କୋଭିଡ୍ ସମୟରେ ଦେଶର ବୈଜ୍ଞାନିକ ମାନେ ଟୀକା ଉଦ୍ଭାବନ କରି ଲକ୍ଷ ଲକ୍ଷ ରୋଗୀଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଥିଲେ । ରେଳବାଇ କ୍ଷେତ୍ରରେ ଭାରତ ବର୍ଷ ଚତୁର୍ଥ ସ୍ଥାନରେ ରହିଛି, କୃଷି ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ, ସଡକ ରାଜପଥ ସଂଯୋଗୀ କରଣରେ ଭାରତ ଦ୍ୱିତୀୟ ସ୍ଥାନରେ, ଅଟୋମୋବାଇଲ କ୍ଷେତ୍ରରେ ତୃତୀୟ ସ୍ଥାନରେ, ରପ୍ତାନି କ୍ଷେତ୍ରରେ ମଧ୍ୟ ଭାରତ ଆଗୁଆ ରହିଛି, ଦେଶ ରକ୍ଷା କ୍ଷେତ୍ରରେ ଭାରତୀୟ ସୈନିକ ପୃଥିବୀରେ ଦ୍ୱିତୀୟ ସ୍ଥାନରେ, ଏହିପରି ଦେଖିବାକୁ ଗଲେ ଭାରତୀୟ ମାନେ ଅନେକ ସୁଖ ସୁବିଧାରେ ଅଛନ୍ତି ଏଥିପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅବଦାନ, ଶୃଙ୍ଖଳିତ ଶାସନ , ସମୟାନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ, ଆପଦ ବିପଦ କାଳରେ ନିରବଚ୍ଛିନ୍ନ ସହଯୋଗ, ଜଳ ସୁ ପରିଚାଳନା କ୍ଷେତ୍ରରେ ସହଭାଗିତା ଆଣବିକ କେନ୍ଦ୍ରର ବିକାଶ, ସାମୁଦ୍ରିକ ବାଣିଜ୍ୟ ତଥା ବନ୍ଦରର ବିକାଶ, ନଗର ଉନ୍ନୟନ, ବୃହତ ନିକୋବର ଦ୍ୱୀପ ପୁଞ୍ଜର ଆଧୁନିକୀ କରଣ, ଆକାଶ ପଥରେ ଯାତ୍ରୀ ପରିବହନ କରିବାରେ ଭାରତ ଦ୍ୱିତୀୟ ସ୍ଥାନରେ ପହଂଚି ପାରିଛି ।

ଆମର ଆଶା ଠାରୁ ଅନେକ ବେଶୀ ଆମେ ପାଉଛୁ ଏବଂ ସରକାର ପ୍ରତିଦିନ, ପ୍ରତି କ୍ଷଣ ଦେଶର ହିତ ପାଇଁ ଚେଷ୍ଟିତ ଅଛନ୍ତି । ଦେଶର ହିତ ପାଇଁ ଦେଶର ସରକାରଙ୍କୁ ବିରୋଧୀ ଦଳ ମଝିରେ ମଝିରେ ଚେତାଇ ଦିଅନ୍ତି ଏହା ଏକ ସକାରାତ୍ମକ ଢଙ୍ଗରେ ହୋଇ ଥାଏ ଏବଂ ଦେଶର କେନ୍ଦ୍ର ତଥା ରାଜ୍ୟ ସରକାର ନିଜ ନିଜ କ୍ଷମତାକୁ ଉପଯୋଗ କରି ସମାଧାନ କରି ଦେଇଥାନ୍ତି । ଦେଶର ନାଗରିକ ସୁ ଶାସନ ଚାହାନ୍ତି କିନ୍ତୁ ଅନେକ ସମୟରେ ସରକାରଙ୍କୁ ସହଯୋଗ କରିବାକୁ ପଛ ଘୁଞ୍ଚା ଦେଇ ଥା'ନ୍ତି , କେବଳ ବାକ୍ୟ ବୀର ନ' ହୋଇ କର୍ମ ବୀର ହେବା ଏବଂ ଠିକ୍ କାର୍ଯ୍ୟକୁ ତାରିଫ୍ କରିବାକୁ ଶିଖିବା ଉଚିତ । ଗଣତନ୍ତ୍ର ଦିବସର ଉତ୍ସବକୁ ପାଳନ କରିବା ସହିତ ଦେଶ ମାତୃକାର ସମ୍ମାନ ରଖିବା, ଦେଶକୁ ଭଲ ପାଇବା, ଦୁର୍ନୀତି ଠାରୁ ଦୂରେଇ ରହିବା, ସତ୍ କର୍ମ କରି ଜଣେ ଜଣେ ସଚ୍ଚା ଦେଶ ସେବକ ହେବା ଉଚିତ । ପିତା ମାତା, ସ୍କୁଲ୍ କଲେଜ୍ ପ୍ରତ୍ୟେକ ସ୍ଥାନରେ ଆଗାମୀ ପିଢ଼ିର ଯୁବକ, ଯୁବତୀ ତଥା କୋମଳମତି ଶିଶୁ ମାନଙ୍କୁ ଦେଶାତ୍ମବୋଧକ ଗଳ୍ପ, ସହିଦ ମାନଙ୍କ ଦେଶ ପ୍ରେମର ସତ୍ୟ କଥା , ପ୍ରତିଯୋଗିତା ମୂଳକ ବକ୍ତୃତା, ରଚନା, ନିବନ୍ଧ ଦ୍ୱାରା ଦେଶର ଇତିହାସ ବିଷୟରେ ଶିକ୍ଷା ଦେବାର ସମୟ ଉପନୀତ, ଅନ୍ୟଥା ଆମେ ପାଶ୍ଚାତ୍ୟ ସଭ୍ୟତାରେ ଏପରି ମସ୍ ଗୁଲ୍ ହେବାକୁ ଆରମ୍ଭ କରି ଦେଲୁଣି କି ନିଜ ଦେଶର, ରାଜ୍ୟର ଜାତୀୟ ସଂଗୀତ ମଧ୍ୟ ଠିକ୍ ଭାବେ ମନେ ରଖି ପାରୁ ନାହୁଁ ବା ତାହାର ଲେଖକ କିଏ ତାହା ମଧ୍ୟ ଜାଣି ନାହୁଁ , ଏହା ଏକ ଲଜ୍ଜାଜନକ ବିଷୟ ଆଜି ମଧ୍ୟ ଅନେକ ସ୍ଥାନରେ ତ୍ରିରଙ୍ଗା ପତାକା ଓଲଟା ଉଡୁଛି ଏହା ଆମକୁ କି ବାର୍ତ୍ତା ଦେଉଛି କୁହନ୍ତୁତ ? ତେବେ ... ଉତ୍କଳ ମଣି ଗୋପବନ୍ଧୁ ଦାସ ଲେଖି ଯାଇଥିବା କେଇ ପଦ ମନେ ପଡ଼ିଯାଏ ... ମିଶୁ ମୋର ଦେହ ଏ' ଦେଶ ମାଟିରେ ଦେଶବାସୀ ଚାଲି ଯା'ନ୍ତୁ ପିଠିରେ, ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼ ପୁରୁ ତହିଁ ପଡି ମୋର ମାଂସ ହାଡ଼ । ସେହି ପରି ସନ୍ଥ ଭୀମ ଭୋଇ କହି ଯାଇଛନ୍ତି ' ମୋ ଜୀବନ ପଛେ ନର୍କେ ପଡି ଥାଉ ଜଗତ ଉଦ୍ଧାର ହେଉ' ଟିକେ ହୃଦୟରୁ ଭାବିବା ଉଚିତ ଯେଉଁ ଦେଶର ପାଣି ପବନ, ଖାଦ୍ୟ ପେୟ ଖାଇ ଆମେ ବଞ୍ଚିଛୁ ସେହି ଦେଶ ପାଇଁ କ'ଣ ଆମର କୌଣସି କର୍ତ୍ତବ୍ୟ ନାହିଁ ?

ଦେଶପ୍ରେମ ଦିବସ

ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଭାରତର ଜାତୀୟ ସଂଗ୍ରାମରେ ନିଜର ତ୍ୟାଗ ଓ ବଳିଦାନକୁ ବାଜି ଲଗାଇ ଅନେକ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ସାହସୀ ଲଢୁଆ ଯୋଦ୍ଧାମାନେ ଏ ଦେଶ ପାଇଁ ସ୍ୱାଧୀନତା ଆଣିପାରିଛନ୍ତି। ଦେଶ ମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି । ଶହୀଦ ଓ କାରାବରଣ ହୋଇଛନ୍ତି ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ଦେଶପାଇଁ ସେବା କରିଛନ୍ତି ଏବଂ ଏକ ଗୌରବମୟ ଇତିହାସ ସୃଷ୍ଟି କରି ଯାଇଛନ୍ତି । ନିଜ ତ୍ୟାଗ, ସାଧନା ମାତୃଭୂମିର ଟେକ ରଖିବାପାଇଁ ଯେଉଁ କେତେଜଣ ମହାନ ସଂଗ୍ରାମୀ ସ୍ୱପ୍ନ ଦେଖିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ । ତାଙ୍କର ଜନ୍ମ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଓଡିଶା ମାଟିରେ କଟକ ସହରର ଓଡିଆ ବଜାରରେ ହୋଇଥିଲା । ପିତାଥିଲେ ଜାନକୀନାଥ ବୋଷ ଓ ମାତା ପ୍ରଭାବତୀ ଦେବୀ । ଘର ଜାନକୀନାଥ ଭବନ, କଟକ। ରେଭେନ୍ସା କଲିଜିଏଟ ସ୍କୁଲରେ ଅଧ୍ୟୟନ କରି ୧୯୧୯ ରେ ବି.ଏ ଅନର୍ସ ରଖି ସେ ପ୍ରଥମଶ୍ରେଣୀରେ ଦ୍ୱିତୀୟ ସ୍ଥାନ ରଖିଥିଲେ । ୧୯୧୯ ସେପଟେମ୍ବର ରେ ଲଣ୍ଡନ ଯାତ୍ରା କରିଥିଲେ । ୧୯୨୦ରେ ସିଭିଲ ସର୍ଭିସରେ ଚତୁର୍ଥସ୍ଥାନ ପାଇଥିଲେ ମଧ୍ୟ ଦେଶ ଓ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୯୨୧ ରେ ଆ.ସି.ଏସ ପଦବୀ ପ୍ରତ୍ୟାଖ୍ୟାନ କରି ଦେଶ ସେବାରେ ମନ ନିୟୋଗ କଲେ । ମାତୃଭୂମିର ସେବା ଥିଲା ତାଙ୍କର ମୂଳ ଲକ୍ଷ୍ୟ। ବେଣୁମାଧବ ଦାସ ଥିଲେ ତାଙ୍କର ବିପ୍ଳବୀ ଶିକ୍ଷକ । ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ସଂପୃକ୍ତି ଓ ଅହିଂସା ନୀତି ମଧ୍ୟ ତାଙ୍କୁ ଆନ୍ଦୋଳିତ କରିଥିଲା । ମହାତ୍ମା ଗାନ୍ଧୀ ଓ ନେତାଜୀ ଉଭୟେ ନିଜ ନିଜ ମାର୍ଗରେ ଦେଶ ସ୍ୱାଧୀନତା ପାଇଁ ବ୍ୟାକୁଳିତ ହୋଇ ଉଠିଥିଲେ ସେମାନଙ୍କ ଆଦର୍ଶଗତ ଭେଦ ରହିଥିଲା କିନ୍ତୁ କେହି କାହାର ଯାତ୍ରାପଥରେ ଅନ୍ତରାୟ ହୋଇ ନଥିଲେ । ଗାନ୍ଧୀଙ୍କ ଅହିଂସା ନୀତିରେ ଦେଶ ସ୍ୱାଧୀନ ହେବା ବିଳମ୍ବ ହୋଇପାରେ ଏହା ନେତାଜୀ ହୃଦବୋଧ କରିଥିଲେ । ତେଣୁ ସେ ଭାରତ ଭିତରେ ସ୍ୱାଧୀନତା ଆନ୍ଦୋଳନକୁ ଜାରିରଖି ଭାରତ ବାହାରେ ଆଜାଦ୍ ହିନ୍ଦ ଫୌଜ ଗଠନ କରି ଲକ୍ଷ ଲକ୍ଷ ଭାରତୀୟଙ୍କୁ ଏକାଠି କରି ଭାରତର ସ୍ୱାଧୀନତା ପାଇଁ ଆହ୍ୱାନ ଦେଇ ଅନ୍ୟାନ୍ୟ ଶକ୍ତିଶାଳୀ ରାଷ୍ଟ୍ର ଗୁଡିକର ସହାୟତା ଲାଭ କରିଥିଲେ । ଶହୀଦ ମାନଙ୍କ ନାମରେ ଏକ ପତାକା ତଳେ ଏକଜୁଟ ହୋଇ ସ୍ୱାଧୀନତା ସଂଗ୍ରାମ ପରିଚାଳନା କରିବାକୁ ଆହ୍ୱାନ କରୁଥିଲେ । ମୋତେ ରକ୍ତ ଦିଅ ମୁଁ ସ୍ୱାଧୀନତା ଆଣିଦେବି, ଦିଲ୍ଲୀ ଚଲୋ ର ସ୍ଲୋଗାନ ଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ମଜବୁତ କରିବାକୁ ଯୁବଶକ୍ତିକୁ ଡାକରା ଦେଇଥିଲେ । ୧୯୪୨ ରେ ଗାନ୍ଧୀଙ୍କ କର ବା ମର ଡାକରାରେ ଇଂରେଜ ମାନଙ୍କ ସହିତ ଅସହଯୋଗ ଆଚରଣ କରିଥିବା ବେଳେ ନେତାଜୀଙ୍କ ଦିଲ୍ଲୀଚଲୋ, ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି ପରି ବଜ୍ର ଆହ୍ୱାନରେ ନେତାଜୀଙ୍କୁ ମିଳିଥିଲା ଜନ ସମର୍ଥନ। ସ୍ୱାଧୀନତାର ମୂଲ୍ୟବୋଧ କଣ ସେ ଜାଣିଥିଲେ । ଯିଏ ରକ୍ତ ମାଗୁଥିଲେ ସେ ରକ୍ତ ବି ଦେଇ ଜାଣିଥିଲେ। ୧୯୨୦ ଜାଲିଆନାୱାଲାବାଗ ନରସଂହାର ଓ ଗାନ୍ଧୀଙ୍କ ଅସହଯୋଗ ତାଙ୍କୁ ବିଚଳିତ କରିଥିଲା । ଦେଶବନ୍ଧୁ ଚିତ୍ତରଞ୍ଜନ

ଦାସଙ୍କ ପରାମର୍ଶରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ ୧୯୨୧ରେ ଗାନ୍ଧୀଙ୍କ ସହ ସାକ୍ଷାତ କରି ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କଲେ । ୧୯୨୨ରେ ବଙ୍ଗଳାରେ ବନ୍ୟା ହେଲା ସେ ଜନତାଙ୍କ ସହାୟତା କଲେ । ଚିତ୍ତରଂଜନଙ୍କ ପରାମର୍ଶରେ ବଙ୍ଗଳାରେ ଓକିଲ, ଶିକ୍ଷକ ସାଧାରଣ ଜନତା, ସରକାରୀ କର୍ମଚାରୀଙ୍କୁ ଦେଶ ମାତୃକାର ସ୍ୱାଧୀନତା ପାଇଁ ପ୍ରବର୍ତ୍ତାଇଥିଲେ । ଗାନ୍ଧୀ ଓ ଚିତ୍ତରଂଜନଙ୍କ ସହ ନେତାଜୀଙ୍କ ତ୍ୟାଗ ଓ ସାଧନା ନୂତନ ଅଧ୍ୟାୟ ସୃଷ୍ଟି କଲା । ୧୯୨୩ରେ ସେ ସ୍ୱରାଜ ପାର୍ଟି ଗଠନ କଲେ । ତାଙ୍କର ଲୋକପ୍ରିୟତାରେ ଇଂରେଜ ମାନେ ଈର୍ଷାନ୍ୱିତ ହୋଇ ସନ୍ତ୍ରାସବାଦୀ ମାନଙ୍କ ସହ ସମ୍ପର୍କର ଆଳ ଦେଖାଇ ନେତାଜୀଙ୍କୁ ବନ୍ଦୀ କରି ମାଣ୍ଡଲେ ଜେଲ ରେ ୧୯୨୪ରୁ ୨୭ ପର୍ଯ୍ୟନ୍ତ ରଖିଲେ । ଅସୁସ୍ଥତା କାରଣରୁ ୧୯୨୭ରେ ସେ ଖଲାସ ହେଲେ। ସେ ସର୍ବଦା ଯୁବଶକ୍ତିର ସାମର୍ଥ୍ୟ ଉପରେ ବିଶ୍ୱାସ ରଖୁଥିଲେ । ଦେଶ ସ୍ୱାଧୀନ ହେବାପାଇଁ ଯୁବଶକ୍ତିର ତ୍ୟାଗ ଓ ସାଧନା ଦରକାର ବୋଲି କହୁଥିଲେ । ୧୯୩୯ରେ ନାଗପୁର ଅଧିବେଶନରେ ଗାନ୍ଧୀଙ୍କ ନୀତି ଆଦର୍ଶ ତାଙ୍କୁ ନୈରାଶ୍ୟ ଲାଗିଲା। ସେ ଚାହୁଁଥିଲେ ସ୍ୱାଧୀନତା କିନ୍ତୁ ଗାନ୍ଧୀ ଚାହୁଁଥିଲେ ବିନା ରକ୍ତପାତରେ ଅହିଂସା। ବିନା ରକ୍ତପାତରେ ସ୍

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୮ ଜାନୁଆରୀ ୨୦୨୪ ରବିବାର

ସୋନପୁରର ଯୁବକଙ୍କ ବାଇକ୍‌ରେ ଅଯୋଧ୍ୟା ଯାତ୍ରା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ସହରର ମୋଟର ସାଇକଲିଷ୍ଟ ଅଫ୍ ସୁବର୍ଣ୍ଣପୁରର ସଦସ୍ୟ ତଥା ଯୁବ ବାଇକ୍ ଚାଳକ ସୋନପୁରର ବିଭୁ ପ୍ରସାଦ ମହାପାତ୍ର ବାଇକ୍‌ରେ ସୁଦୂର ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି । ଏକ ଭାରତ ଶ୍ରେଷ୍ଠ ଭାରତର ବାର୍ତ୍ତା ନେଇ ତଥା ଶାନ୍ତି, ମୈତ୍ରୀ ଓ ସଦ୍‌ଭାବ ରକ୍ଷା ପାଇଁ ସେ ରାମେଶ୍ୱର ସଙ୍ଗମସ୍ଥଳରୁ ସକାଳୁ ତାଙ୍କ ଯାତ୍ରା ଆରମ୍ଭ କରିଛନ୍ତି । ସେ ଅଯୋଧ୍ୟାରେ ପହଞ୍ଚି ରାମଲାଲାଙ୍କ ଦର୍ଶନ କରିବା ଆଶା ରଖିଥିବା କହିଛନ୍ତି ।

ବିପିସିଏଲ ସୋମନାଥପୁର ଡିପୋରେ ବାର୍ତ୍ତାଳାପ ଉତ୍ସବ

ବାଲେଶ୍ୱର, ନ୍ୟୁଜ୍

ସୋମନାଥପୁର ଶିଳ୍ପାଞ୍ଚଳ ସ୍ଥିତ ଭାରତ ପେଟ୍ରୋଲୟମ କର୍ପୋରେସନ ଲିଃ(ବିପିସିଏଲ) ଡିପୋ ପରିସରରେ ୭୫ ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ 'ପ୍ରୋଜେକ୍ଟ ବାର୍ତ୍ତାଳାପ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିପିସିଏଲର ପ୍ରଶାସନିକ ଅଧିକାରୀ ଓ ଟ୍ୟାଙ୍କ ଲରି ଡ୍ରାଇଭର ଓ କର୍ମଚାରୀ ମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ଓ ସମ୍ପର୍କର ସୁଦୃଢ ସେତୁ ନିର୍ମାଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ଡିପୋର ଭାରପ୍ରାପ୍ତ ମ୍ୟାନେଜର ବିଜୁ କୋଟେନ ପି. କହିଛନ୍ତି। ଏହି ଉପଲକ୍ଷେ ଡ଼ିପୋ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହା ବ୍ୟତିତ ବିଭିନ୍ନ ପ୍ରକାର କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗୀତା ମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହିଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଡ୍ରାଇଭର ଓ କର୍ମଚାରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇ ମାନସିକ ଦୂରତ୍ୱ ହ୍ରାସରେ ସହାୟକ ହେବ ବୋଲି ଡିପୋର ସହକାରୀ ମ୍ୟାନେଜର ଭାନ ମୋହି ଲୋହିତ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୁରକ୍ଷା ମ୍ୟାନେଜର ବାଲାଜୀ ଏଲ୍, ଜୁନିଅର ଏକଜିକ୍ୟୁଟିଭ ସୁଭଜିତ ମଣ୍ଡଳ, ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ପାତ୍ର, ବରିଷ୍ଠ ସାମ୍ବାଦିକ ରବି ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ ଓ ରକ୍ତଦାନ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଏହିଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ସୋମନାଥପୁର ଡିପୋରେ ଅନୁଷ୍ଠିତ ହୋଇଥିବା କୁହାଯାଇଛି ।

୨୯ ରୁ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ ସଂଘ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତି ନେଇଛନ୍ତି । ତିନିମୁହାଣୀ ସ୍ଥିତ ସାନ୍ଧ୍ୟ ମହା ବିଦ୍ୟାଳୟ ପରିସରରେ ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ପୋଥାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ ମାନଙ୍କ ପାଇଁ କୌଣସି ସୁଚିନ୍ତିତ ଯୋଜନା କରୁନାହାଁନ୍ତି । ମାଧ୍ୟମିକ ବିଦ୍ୟାଳୟକୁ ୫ଟିରେ ରୂପାନ୍ତରିତ କରିଥିଲେ ମଧ୍ୟ ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଉନାହିଁ । ଶିକ୍ଷା ଅଧିକାର ଅଧିନିୟମକୁ ଆମ ରାଜ୍ୟରେ ଆଦୌ କାର୍ଯ୍ୟକାରୀ କଲେନାହିଁ । ବିଭିନ୍ନ ଜିଲ୍ଲାରେ ପ୍ରଧାନ ଶିକ୍ଷକ, ଗ୍ରାଜୁଏଟ ଶିକ୍ଷକ ପଦବୀ ସଂଖ୍ୟା ବହୁ ସଂଖ୍ୟାରେ ଖାଲି ପଡିଥିଲେ ମଧ୍ୟ ପଦୋନ୍ନତି କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି । ରାଜ୍ୟର ସମସ୍ତ ଠିକା କର୍ମଚାରୀ ମାନଙ୍କୁ ୬ ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ସହିତ ସେମାନଙ୍କୁ ନିୟମିତ କରାଗଲା । ପ୍ରାଥମିକ ଶିକ୍ଷାରୁ ନାଁ ଉଠିଲା ଠିକା ନିଯୁକ୍ତି । ନା କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରାଗଲା ।

ଯେଉଁ ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକ ୨୦୦୧ ମସିହାରୁ ଆଜି ପର୍ଯ୍ୟନ୍ତ କମ୍ ଟଙ୍କା ପାରିଶ୍ରମିକ ପାଇ ରାଜ୍ୟ ସରକାରଙ୍କ ରାଜକୋଷକୁ ଭରଣା କରିଥିଲେ, ସେମାନଙ୍କର ୬ ବର୍ଷ ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରାଗଲାନାହିଁ । ପ୍ରାୟ ସବୁ ରାଜ୍ୟର ପ୍ରାଥମିକ ଶିକ୍ଷକ କେନ୍ଦ୍ରୀୟ ହାରରେ ଦରମା ପାଉଥିବା ବେଳେ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକ ୨୨୦୦ ଗ୍ରେଡ୍-ପେ ରେ ଦରମା ପାଉଛନ୍ତି । ଜଣେ ଶିକ୍ଷକ ଅବସର ନେବାପରେ ନୂତନ ପେନ୍‌ସନ୍ ନିୟମ ଅନୁଯାଇ ସେମାନଙ୍କୁ ୫୦୦ ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ମିଳୁଛି । ଯାହାଦ୍ୱାରା ଅବଶିଷ୍ଟ ଜୀବନ କାଳ ଦୁଃଖ କଷ୍ଟରେ ଅତିବାହିତ ହେଉଛି । ସରକାର ପ୍ରାଥମିକ ଶିକ୍ଷକ ମାନଙ୍କର ୩ ଦଫା ଦାବି; କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ପୁରୁଣା ପେନ୍‌ସନ୍ ପ୍ରଚଳନ, ଠିକା କାର୍ଯ୍ୟକାଳକୁ ୬ ବର୍ଷ ଗଣନା କରିବା ଦାବି ଗୁଡିକ ଦୀର୍ଘ ମାସ ହେଲା ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୁରଣ ନକରିବାରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଆସନ୍ତା ୨୯ ତାରିଖ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତି ନେଇଛି । ଆୟୋଜିତ ଏହି ବୈଠକରେ ସଭାପତି ଦୀପକ ମହାନ୍ତି, ଜିଲ୍ଲା ସଂଯୋଜକ ବିପିନ ବିହାରୀ ପାତ୍ର, କାର୍ଯ୍ୟକାରୀ ସଭାପତି ହିମାନୀ ମିଶ୍ର, ଲକ୍ଷ୍ମୀଧର ରାଉତ, ବିପିନ ବିହାରୀ ପାତ୍ର, ନରେଶ ପାତ୍ର, ମନୋଜ କୁମାର ବାରିକ, ମୁଲତା ନାୟକ, ମଧୁସ୍ମିତା ମଲ୍ଲ, ମଙ୍ଗୁଳି ରାଉତ, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସଚେତନତା ଶିବିର

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗଉଣ୍ଡୁ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିବା ବେଳେ ବିଭିନ୍ନ ବିଭାଗର ପଦାଧିକାରୀ ମାନେ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ବୁଝେଇଥିଲେ । ସରପଞ୍ଚ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବ୍ଲକ ଚେୟାରମ୍ୟାନ ସି ହେଚ ଉଷାରଣୀ, ଭାଇସ୍ ଚେୟାରମ୍ୟାନ ଅନିତା ମହାଙ୍କୁଡ଼, ଜିଲ୍ଲା ପରିଷଦ ଭାଇସ ଚେୟାରମ୍ୟାନ ରାଜେଶ୍ୱରୀ ଦୋରା, ୫୪ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଦୀପକ ସାମନ୍ତ, ବ୍ରହ୍ମପୁର ସାଂସଦ ପ୍ରତିନିଧି ଅଜିତ ଦାସ, ବହୁ ସମିତି ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନା ଶାନ୍ତନୁ କୁମାର ରଣା କରିଥିବା ବେଳେ ସମିତିସଭ୍ୟ ଶିଶିର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଇତ୍ୟବସରରେ ସ୍ଥାନୀୟ କଳାକାର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିଇଓ ଅଜିତ ରଥ, ଜେଇ ପୁଷ୍ପିତା ବାରିକ, ଯୋଗାଣ ସହାୟକ ସନ୍ତୋଷ ବେହେରା, ଭୀମ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ବିଜେଡ଼ି ଗାର୍ଲସ ୱିଙ୍ଗ ପକ୍ଷରୁ ବାଳିକା ଦିବସ ପାଳିତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଜାତୀୟ କନ୍ୟା ଦିବସ ଉପଲକ୍ଷେ ଧର୍ମଶାଳା ବିଜେଡ଼ି ଗାର୍ଲସ ୱିଙ୍ଗ ତରଫରୁ କନ୍ୟା ଦିବସ କଳ୍ପତରୁଦାସ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ଗାର୍ଲ୍ସ୍‌ୱିଙ୍ଗର ସଭାପତି କ୍ଷୀରଭୀତନୟା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଝିଅମାନେ ସଶକ୍ତ ରାଷ୍ଟ୍ର ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ସେମାନଙ୍କୁ ଉତ୍ସାହ ଦେବା ଓ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ସୁଯୋଗ ସୃଷ୍ଟି କରିବା ଦରକାର । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ସ୍ମୃତିରେଖା ବେହେରା, ଯୁବ ବିଜେଡ଼ି ସଭାପତି ଶ୍ରୀ ନାୟକ, ସାହିନା ଖାତୁନ, ଚିନ୍ମୟୀ ବେହୁରା ଯୋଗଦେଇ ନିଜ ମତ ରଖିଥିଲେ । ଏହି ଉତ୍ସବରେ ଗାର୍ଲସ ୱିଙ୍ଗର କର୍ମକର୍ତ୍ତା ଓ ଶତାଧିକ ବାଳିକା ଯୋଗଦେଇଥିଲେ ।

ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡା (ସରବାହାଲ)ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ଓ ଆଜିର ବାର୍ଷିକ ଉତ୍ସବ 'ସ୍ପନ୍ଦନ'ରେ ମୁଖ୍ୟ ଅତିଥି ଭାବରେ ପୁଷ୍ପା ମିଞ୍ଜ, ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ, ମୁଖ୍ୟ ବକ୍ତା ଭାବରେ ପ୍ରଫେସର (ଡ) ଯୁବରାଜ ଖମାରୀ, ଶିକ୍ଷା ବିଭାଗ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ, ସମ୍ମାନୀତ ଅତିଥି ଭାବରେ ଝାରସୁଗୁଡା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଓ ସୁଶାନ୍ତ କୁମାର ଘୁଟା, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ଝାରସୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ, ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ, ୱାର୍ଡ ନଂ-୧ କାଉନସିଲର ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ ବାର୍ଷିକ ବିବରଣୀ ପଠନ କରି ଅନୁଷ୍ଠାନର ସୁବିଧା ଅସୁବିଧାକୁ ଅବିଭାବକଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନା କରିଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଚିନ୍ମୟୀ ନାୟକ ଓ ସାରିକା ତ୍ରିପାଠୀ ପୁରସ୍କାର ବିତରଣରେ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ 'ସ୍ପନ୍ଦନ' ପରିବେଷିତ କରାଯାଇଥିଲା । ଏହାକୁ ପାଞ୍ଚ ଶହରୁ ଅଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ ।

ବ୍ରାହ୍ମଣ ସଂଘର କର୍ମକର୍ତ୍ତା ଚୟନ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଆଞ୍ଚଳିକ ବ୍ରାହ୍ମଣ ସେବା ସଂଘ ବାଲିଗୁଡାର ବୈଠକ ଦକ୍ଷୀଣକାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତି ଭାବେ ଚିନ୍ତାମଣି ମିଶ୍ର, ସମ୍ପାଦକ ଭାବେ କାଳିନ୍ଦି ଚରଣ ପଣ୍ଡା, କୋଷାଧ୍ୟକ୍ଷ ଭାବେ ପବିତ୍ର ମୋହନ ପାଢୀ ଚୟନ ହୋଇଥିବା ବେଳେ ଉପଦେଷ୍ଟା ଭାବେ ରାମକୃଷ୍ଣ ଦାସ ଓ ଶଶି ଭୂଷଣ ପାଢୀଙ୍କୁ ଚୟନ କରାଯାଇଛି । ଆଗାମୀ ଦିନରେ ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ । ସଂଘର ଆଗାମୀ ଦିନର କାର୍ଯ୍ୟପନ୍ଥା କଣ ରହିବ, ବାଲିଗୁଡା ସହରରେ ଥିବା ସମସ୍ତ ବ୍ରାହ୍ମଣ ପରିବାର ସଂଘରେ ଯୋଡିବାକୁ ଓ ପ୍ରତ୍ୟେକ ମାସ ଶେଷ ରବିବାର ଦିନ ୩ଟା ସଂଘର ବୈଠକ କରିବାକୁ ନିଷ୍ପତି କରାଯାଇଛି ।

ଆର.ଆଇ ଓ କ୍ଷେତ୍ରାଧିକାରୀଙ୍କ କଳାବ୍ୟାଜ୍ ପରିଧାନ ଓ ଧାରଣା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ତହସିଲର ରାଜସ୍ୱ ପରିଦର୍ଶକ ତଥା ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ସୁବର୍ଣ୍ଣପୁର ଶାଖାର ଜିଲ୍ଲା ସଭାପତି ଜାରା ସିଂ ବରିହାଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ସୋନପୁର ତହସିଲର ପାଞ୍ଚୋଟି ରାଜସ୍ୱ କାର୍ଯ୍ୟାଳୟର ନିରୀକ୍ଷକମାନେ ସୋନପୁର ତହସିଲର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । କଳା ବ୍ୟାଚ୍ ପିନ୍ଧି ସମସ୍ତ ଅଧିକାରୀ ଧାରଣାରେ ବସି ଦାବି ପୂରଣ ନହେଲେ ୧୦ ଦିନ ପରେ କଲମ ଛାଡ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ମୁଖ୍ୟ ଦାବି ଗୁଡ଼ିକ ମଧ୍ୟରେ କ୍ୟାଡର ପୁନଃ ନିର୍ଦ୍ଧାରଣ, ଯୋଗ୍ୟତା ଭିତ୍ତିରେ ଗ୍ରେଡେଶନ, ଅତିରିକ୍ତ ରାଜସ୍ୱ ନୀରିକ୍ଷକଙ୍କ ଗ୍ରେଡ ପେ ବୃଦ୍ଧି, ରାଜସ୍ୱ ମଣ୍ଡଳରେ କର୍ମଚାରୀ ନିଯୁକ୍ତି, ରାଜସ୍ୱ ବିଭାଗରୁ କୃଷି କ୍ଷେତ୍ର ସମ୍ବନ୍ଧୀୟ କାର୍ଯ୍ୟ ବର୍ଜନ ଆଦି ଦାବି ରହିଥିବା ଜଣାଯାଇଛି । କର୍ତ୍ତୃପକ୍ଷଙ୍କୁ ଏହି ଦାବିପତ୍ର ଦେବା ବେଳେ ସୋନପୁର ଆରଆରଆଇ ସୁଧୀର ରଞ୍ଜନ ପାଣ୍ଡିଆ, ସୁନୀଲ କୁମାର ଘିବେଲ, ସ୍ନିଗ୍ଧମୟୀ ପରୁଆ, ମମି ବେହେରା, ବିନୋଦିନୀ ନାଏକ ପ୍ରମୁଖ ଉପସ୍ଥିତି ଥିଲେ ।

BARIPADA MUNICIPALITY
Phone/Fax: - 06792-252703
E-mail : baripadam.hud@nic.in
Website: www.baripadamunicipality.in
C-2427
OFFICE OF THE BARIPADA MUNICIPALITY, BARIPADA
No. 346 / Date 12/01/2024 /
QUOTATION CALL NOTICE
Sealed Quotation call invited from Distributors/Dealers/ Govt. Order Suppliers having GST & PAN for supply of one battery operated three wheeler electronic Auto with body fabrication and base for fixing of two nos. of fogging machine as per detail specification, terms & conditions in separate schedule which may be obtained from this Office on any working hours from 12.01.2024 to 05.02.2024. The last date of submission of application on dtd. 05.02.2024 up to 1.30 P.M. The detail specification, terms & conditions which may be obtained from Office of Municipal Council Office, Baripada on any working hour.
For more details please visit our website www.baripadamunicipality.in
Sd/- Executive Officer , Baripada Municipality
OIPR-13078/11/0040/2324

ବିଭିନ୍ନ ସ୍ଥାନରେ ଗଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର: ବାଲେଶ୍ୱର ସଦର ମହକୁମା ସ୍ଥିତ ପୋଲିସ ପ୍ୟାରେଡ଼ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ହେମ୍ବ୍ରମ ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ମହାତ୍ମା ଗାନ୍ଧୀ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସମେତ ଅନ୍ୟ ଯେଉଁ ମହାନ ଦେଶଭକ୍ତମାନେ ଜାତୀୟ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଯାଇଛନ୍ତି ତାହାର ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରିୟଦର୍ଶିନୀ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ବାରଙ୍ଗ: ସାଧାରଣତନ୍ତ୍ର ଦିବସ ଅବସରରେ ବାରଙ୍ଗ ଅଞ୍ଚଳରେ ସବୁଠି ଉଡିଛି ତ୍ରିରଙ୍ଗ। ଦେଶାତ୍ମବୋଧକ ସଂଗୀତ ଭିତରେ ବାରଙ୍ଗ ଅଞ୍ଚଳବାସୀ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଅଞ୍ଚଳରେ ବିଭିନ୍ନ କଳକାରଖାନା, ବେସରକାରୀ ସ୍କୁଲ ଓ କଲେଜ ତଥା ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଗ୍ରାମ ସଂଗଠନ, ଗ୍ରାମର ଯୁବଗୋଷ୍ଠୀ କ୍ଲବ ଗୁଡିକ ନିଜସ୍ୱ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟରେ ଉକ୍ତ ଦିବସ ପାଳନ କରିବା ସହ ଗଣତନ୍ତ୍ରର ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ବୀର ପୁରୁଷଙ୍କୁ ସ୍ମରଣ କରିଥିଲେ। ସେହିପରି ବାରଙ୍ଗ ତହସିଲ କାର୍ଯ୍ୟାଳୟ, ବାରଙ୍ଗ ବ୍ଲକ୍, କୁହେଁଇପଡା ଗ୍ରାମ ପଞ୍ଚାୟତ, ବାରଙ୍ଗ ଥାନା, ବାରଙ୍ଗ ପ୍ରେସ୍ କ୍ଲବ୍, ତ୍ରିଶୂଳିଆ ବଜାର, ବାରଙ୍ଗ ଅଗ୍ନିଶମ ବାହାନି, ଏନଡିଆରଏଫ, ସିଆଇଏସଏଫ, ଭୁବନପୁର ପକ୍ଷରୁ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳିତ ହୋଇଯାଇଛି ।

ଟିଟିଲାଗଡ଼: ଟିଟିଲାଗଡ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୮ ଜାନୁଆରୀ, ରବିବାର, ୨୦୨୪
ପୃଷ୍ଠା – ୬

୪୩ ବର୍ଷୀୟ ରୋହନ ବୋପାନ୍ନା ଜିତିଲେ ଅଷ୍ଟ୍ରେଲିଆନ୍ ଓପନ ଡବଲ୍ସ

ସିଡ୍‌ନୀ

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ଭାରତୀୟ ପ୍ରଶଂସକଙ୍କ ପାଇଁ ଖୁସି ଖବର ଆସୁଛି । ଭାରତର ଅଭିଜ୍ଞ ଟେନିସ୍ ଖେଳାଳି ରୋହନ ବୋପାନ୍ନା ତାଙ୍କ ସାଥୀ ମ୍ୟାଟ୍ ଏବଡନଙ୍କ ସହ ମିଶି ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି । ରୋହନ ଓ ମ୍ୟାଟ୍ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ରେ ଇଟାଲୀର ସିମୋନ୍ ବୋଲେଲି ଓ ୱାଓସୋରୀଙ୍କୁ ପରାସ୍ତ କରିଛନ୍ତି । ରୋହନ ବୋପାନ୍ନା ଓ ମ୍ୟାଟ୍ ଏବଡନ୍ ୭-୬, ୭-୫ରେ ସିମୋନ ବୋଲେଲି ଓ ୱାଓସୋରିଙ୍କୁ ପରାସ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ରୋହନ ବୋପାନ୍ନା ଗ୍ରାଣ୍ଡସ୍ଲାମ୍ ଜିତିବାରେ ସବୁଠାରୁ ବୟସ୍କ ଖେଳାଳି ହୋଇଛନ୍ତି । ତାଙ୍କ ବୟସ ୪୩ ବର୍ଷ ରହିଛି । ରୋହନ ବୋପାନ୍ନାଙ୍କ ପୂର୍ବରୁ ଗ୍ରାଣ୍ଡସ୍ଲାମ୍ ଜିତିବାରେ ସବୁଠାରୁ ବୟସ୍କ ଖେଳାଳି ଥିଲେ ନେଦରଲାଣ୍ଡର ଜିନ୍ କୁଲିଆନ୍ ରୋଜର । ୪୦ ବର୍ଷ ୯ ମାସ ବୟସରେ ଜିନ୍ କୁଲିଆନ୍ ରୋଜର ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିତିଥିଲେ । ଫାଇନାଲ ମ୍ୟାଚରେ ରୋହନ ବୋପାନ୍ନା ଓ ମ୍ୟାଟ୍ ଏବଡେନଙ୍କ ଯୋଡ଼ିକୁ ଇଟାଲୀର ସିମୋନ ବୋଲେଲି ଓ ୱାଓସୋରୀଙ୍କୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ସେମାନଙ୍କୁ ବିଜୟରୁ ରୋକି ପାରିନଥିଲେ । ପ୍ରଥମ ସେଟ୍ ଟାଇ ବ୍ରେକରକୁ ଯାଇଥିଲା । ଟାଇବ୍ରେକରରେ ବୋପାନ୍ନା ଓ ଏବଡେନଙ୍କ ଯୋଡ଼ି ଗୋଟିଏ ବି ମ୍ୟାଚ୍ ହାରିନଥିଲେ । ଏହି ଫାଇନାଲ ମ୍ୟାଚ୍ ୧ ଘଣ୍ଟା ୩୯ ମିନିଟ୍ ଧରି ଚାଲିଥିଲା । କିନ୍ତୁ ଶେଷରେ ରୋହନ ଓ ମ୍ୟାଟ୍‌ଙ୍କ ଯୋଡ଼ି ଟାଇଟଲ ଜିତିଥିଲେ ।

ରୋମାଞ୍ଚକ ମୋଡ୍‌ରେ ହାଇଦ୍ରାବାଦ ଟେଷ୍ଟ

ଓଲି ପୋପ୍‌ଙ୍କ ଶତକ, ଭାରତକୁ ଇଂଲଣ୍ଡର ଲଢୁଆ ଜବାବ

ହାଇଦ୍ରାବାଦ

ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ନିଜର ଦ୍ୱିତୀୟ ଇନିଂସରେ ଦୃଢ ବ୍ୟାଟିଂ କରିଛି । ତୃତୀୟ ଦିନର ଖେଳ ଓଲି ପପଙ୍କ ନାଁରେ ରହିଛି । ପପଙ୍କ ଶତକ ବଳରେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭ୍ରମଣକାରୀ ଦଳ ୬ ୱିକେଟ୍ ହରାଇ ୩୧୬ ରନ କରିଛି । ଏଥିସହ ଇଂଲଣ୍ଡ ମ୍ୟାଚରେ ଦୃଢ ପ୍ରତ୍ୟାବର୍ତ୍ତନ କରିଛି ଓଲି ପପ୍ ୧୪୮ ରନ ଓ ରେହାନ ଅହମ୍ମଦ ୧୬ ରନ କରି କ୍ରିଜରେ ଅଛନ୍ତି । ହାତରେ ୪ ୱିକେଟ୍ ଥାଇ ଇଂଲଣ୍ଡ ୧୨୬ ରନର ଅଗ୍ରଣୀ ହାସଲ କରିଛି । ପୋପ ଭାରତୀୟ ଦଳକୁ ଅଡୁଆରେ ପକାଇଛନ୍ତି । ଫଳରେ ରୋମାଞ୍ଚକର ମୋଡରେ ପହଞ୍ଚିଛି ହାଇଦ୍ରାବାଦ ଟେଷ୍ଟ । ଶନିବାର ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ ୪୩୬ ରନ କରିଥିଲା । ଏଥିସହ ଦଳ ୧୯୦ ରନର ଅଗ୍ରଣୀ ହାସଲ କରିଥିଲା । ହେଲେ ଇଂଲଣ୍ଡ ଦୃଢ ବ୍ୟାଟିଂ କରିଛି ।

ଉଲ୍ଲେଖନୀୟ ଇଂଲଣ୍ଡ ପ୍ରଥମ ଇନିଂସରେ ୨୪୬ ରନର ଜବାବରେ ଭାରତ ୪୩୬ ରନ କରିଛି ।

ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡର ଦୁଇ ଓପନ ଜ୍ୟାକ କ୍ରାଉଲି ଓ ବେନ ଡକେଟ୍ ପ୍ରଥମ ୱିକେଟ୍ ପାଇଁ ୪୫ ରନ ଯୋଡ଼ିଥିଲେ । ଏହି ସ୍କୋରରେ କ୍ରାଉଲି ୩୧ ରନର ଦ୍ରୁତ ରନ କରି ଆଉଟ୍ ହୋଇଥିଲେ । ଏହାପରେ ବେନ ଡକେଟ୍ ଓ ଓଲି ପପ୍ ଦ୍ୱିତୀୟ ୱିକେଟ୍‌ରେ ୬୮ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ । ତେବେ ବେନ ଡକେଟ୍ ୫୨ ବଲ୍‌ରୁ ୭ ଚୌକା ସହ ୪୭ ରନ କରି ଯଶପ୍ରୀତ ବୁମ୍‌ରାଙ୍କ ଶିକାର ହୋଇଥିଲେ । ଜୋ ରୁଟ୍(୨) ପୁଣି ଥରେ ଦଳକୁ ନିରାଶ କରିଛନ୍ତି । ଜୋନି ବେୟାରଷ୍ଟୋ(୧୦) କିଛି ଖାସ୍ କରିପାରି ନାହାନ୍ତି । ଅଧିନାୟକ ବେନ ଷ୍ଟୋକ୍ସ(୬) ଅଶ୍ୱିନଙ୍କ ବଳରେ ଆଉଟ୍ ହୋଇଥିଲେ । ୧୬୩ ରନରେ ୫ ୱିକେଟ୍ ହରାଇ ଅଡୁଆରେ ପଡିଥିବା ଇଂଲଣ୍ଡ ଇନିଂସକୁ ଓଲି ପପ୍ ଓ ବେନ ଫୋକ୍ସ ସମ୍ଭାଳିଥିଲେ । ଧୈର୍ଯ୍ୟର ସହ ବ୍ୟାଟିଂ କରି ଉଭୟ ଷଷ୍ଠ ୱିକେଟ୍‌ରେ ୧୧୨ ରନର ଶତକୀୟ ଭାଗିଦାରୀ ଯୋଡ଼ିଛନ୍ତି । ବେନ ଫୋକ୍ସ(୩୪)ଙ୍କୁ ଆଉଟ୍ କରି ଅକ୍ଷର ପଟେଲ ଏହି ଯୋଡ଼ି ଭାଙ୍ଗିଥିଲେ ।

ତେବେ ଅନ୍ୟପଟେ ଓଲି ପପ୍ ଦୃଢ଼ତାର ସହ ବ୍ୟାଟିଂ କରି ଟେଷ୍ଟ କ୍ୟାରିୟରରେ ପଞ୍ଚମ ଶତକ ହାସଲ କରିଥିଲେ । ସେ ରେହାନ ଅହମ୍ମଦଙ୍କ ଅବିଭାଜିତ ସପ୍ତମ ୱିକେଟ୍‌ରେ ୪୧ ରନ ଯୋଡ଼ି ସାରିଲେଣି । ପପ୍ ୨୦୮ ବଲ୍‌ରୁ ୧୭ ଚୌକା ସହ ୧୪୮ ରନ କରି ଅପରାଜିତ ଅଛନ୍ତି । ରେହାନ ଅହମ୍ମଦ ୧୬ ରନ କରି ଖେଳୁଛନ୍ତି । ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ୨୯ ରନ ଦେଇ ୨ଟି ୱିକେଟ୍ ନେଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ୯୩ ରନ କରି ୨ ୱିକେଟ୍ ନେଇଥିଲେ ହେଁ ୪.୪୦ ହାରରେ ରନ ଦେଇଛନ୍ତି । ଅକ୍ଷର ପଟେଲ୍ ଓ ରବୀନ୍ଦ୍ର ଜାଡ଼େଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି ।

୧୪୭ ବଲ୍‌ରେ ଟ୍ରିପଲ୍ ସେଞ୍ଚୁରୀ ମାରି କ୍ରିକେଟ୍ ଇତିହାସରେ ସବୁ ରେକର୍ଡ ଭାଙ୍ଗିଲେ ତନ୍ମୟ ଅଗ୍ରୱାଲ

ନୂଆଦିଲ୍ଲୀ

ରଣଜୀ ଟ୍ରଫିରେ ଇତିହାସ ସୃଷ୍ଟି କରିଛନ୍ତି ହାଇଦ୍ରାବାଦର ଓପନିଂ ବ୍ୟାଟ୍ସମ୍ୟାନ୍ ତନ୍ମୟ ଅଗ୍ରୱାଲ । ସେ ହାଇଦ୍ରାବାଦର ନକ୍ସଜେନ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୪୭ ବଲରେ ଟ୍ରିପଲ୍ ଶତକ ହାସଲ କରିଛନ୍ତି । ଫାଷ୍ଟ କ୍ଲାସ୍ କ୍ରିକେଟ୍ ଇତିହାସରେ ଏହା ଦ୍ରୁତତମ ଟ୍ରିପଲ ସେଞ୍ଚୁରୀ । ଅଗ୍ରୱାଲ ଦକ୍ଷିଣ ଆଫ୍ରିକାର ମାର୍କୋ ମାରାଇସଙ୍କ ରେକର୍ଡ ଭାଙ୍ଗିଛନ୍ତି, ଯିଏ ୨୦୧୭ରେ ଇଷ୍ଟର୍ଣ୍ଣ ପ୍ରୋବିନ୍ସ ବିପକ୍ଷରେ ବର୍ଡର ପାଇଁ ୧୯୧ ବଲରେ ୩୦୦ ରନ୍ ସଂଗ୍ରହ କରିଥିଲେ ।

ତନ୍ମୟ ଅଗ୍ରୱାଲ ମଧ୍ୟ ୧୧୯ ବଲରେ ୨୦୦ ମାର୍କ ହାସଲ କରି ପୂର୍ବତନ ଭାରତୀୟ ଅଧିନାୟକ ରବି ଶାସ୍ତ୍ରୀଙ୍କ ରେକର୍ଡ ଭାଙ୍ଗିଛନ୍ତି । ଶାସ୍ତ୍ରୀ (୧୨୩ ବଲ) ଏପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀ କ୍ରିକେଟରେ ଦ୍ୱିଶତକ ହାସଲ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ଥିଲେ । ତାଙ୍କର ରେକର୍ଡ ୩୯ ବର୍ଷ ହୋଇଥିଲା । ଏହା ମଧ୍ୟ ଦ୍ୱିତୀୟ ଦ୍ରୁତତମ ପ୍ରଥମ ଶ୍ରେଣୀ ଡବଲ୍ ସେଞ୍ଚୁରୀ ଥିଲା । ଗୋଟିଏ ଦିନରେ ୩୦୦ ରନ୍ ସ୍କୋର କରିଥିବା ତନ୍ମୟ ଅଗ୍ରୱାଲ ମଧ୍ୟ ଭାରତୀୟ କ୍ରିକେଟ୍ରେ ପ୍ରଥମ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି ।

ଖେଳ ଶେଷ ସୁଦ୍ଧା ସେ ବ୍ୟକ୍ତିଗତ ୩୨୧ ରନ ସଂଗ୍ରହ କରି ଅପରାଜିତ ରହିଥିଲେ । ସେ ୧୬୦ ବଲ ଖେଳି ଇନିଂସରେ ୩୩ ଚୌକା ଓ ୨୧ ଛକା ମାରିଥିଲେ । ରଣଜୀ ଟ୍ରଫିର ଏକ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡରେ ତନ୍ମୟ ନାଁ ସାମିଲ ହୋଇଛି । ଇନିଂସରେ ସର୍ବାଧିକ ଛକା ତାଲିକାର ନମ୍ବର ୧ ସ୍ଥାନରେ ପହଞ୍ଚିବା ପାଇଁ ଆଉ ୩ଟି ଛକା ଆବଶ୍ୟକ । ଏହି ରେକର୍ଡକୁ ବର୍ତ୍ତମାନ ନ୍ୟୁଜିଲ୍ୟାଣ୍ଡର କଲିନ୍ ମୁନରୋ ଧରିଛନ୍ତି, ଯିଏ ଅକଲ୍ୟାଣ୍ଡ ପାଇଁ ୨୩ ଛକା ମାରିଥିଲେ ।

ହାଇଦ୍ରାବାଦ ଅରୁଣାଚଳ ପ୍ରଦେଶର ପ୍ରଥମ ଇନିଂସ ମାତ୍ର ୧୭୨ ରନ୍‌ରେ ସୀମିତ ଥିଲା । ତା'ପରେ ମାତ୍ର ୪୮ ଓଭରରେ ୫୨୯ ରନ୍ ସ୍କୋର ହୋଇଛି । ଓପନର ତନମୟ ଏବଂ ରାହୁଲ ସିଂ ଗେହଲୋଟ୍(୧୮୫ ରନ୍ ?) କରିବା ସହ ପ୍ରଥମ ୱିକେଟ୍ ପାଇଁ ୪୪୯ ରନ୍ ସଂଗ୍ରହ କରିଥିଲେ ।

ଅଷ୍ଟ୍ରେଲିୟାନ ଓପନ ଓମେନ୍ ସିଙ୍ଗଲସ ଚାମ୍ପିୟନ ହେଲେ ବେଲାରୁଷର ଆର୍ୟନା ସବାଲେଙ୍କା

ମେଲବର୍ଣ୍ଣ

ବେଲାରୁଷର ଆର୍ୟନା ସବାଲେଂକା ଶନିବାର ଅଷ୍ଟ୍ରେଲିୟାନ ଓପନ-୨୦୨୪ର ମହିଳା ସିଙ୍ଗଲସ ଟାଇଟଲ ନିଜ ନାମରେ କରିଛନ୍ତି । ଟାଇଟଲ ମ୍ୟାଚ୍‌ରେ ଚୀନ୍‌ର ଝେଙ୍ଗ କିନନେଙ୍କୁ ସିଧାସଳଖ ୬-୩,୬-୨ ସେଟ୍‌ରେ ପରାସ୍ତ କରିଛନ୍ତି । କିନନେ ପ୍ରଥମ ଥର ଗ୍ରାଣ୍ଡସ୍ଲାମର ଫାଇନାଲକୁ ପହଞ୍ଚିଥିଲେ । ଡିଫେଣ୍ଡିଂ ଚାମ୍ପିୟନ ସବାଲେଙ୍କା କିନନେଙ୍କୁ ଆଦୌ ସୁଯୋଗ ଦେଇନଥିଲେ ଓ ଦ୍ୱିତୀୟବାର ଟାଇଟଲ ହାତେଇ ନେଇଛନ୍ତି ।

୨୦୧୨-୧୩ ପରେ ସବାଲେଙ୍କା ଲଗାତାର ଦୁଇଥର ଅଷ୍ଟ୍ରେଲିୟାନ ଓପନର ମହିଳା ସିଙ୍ଗଲ ଟାଇଟଲ ବିଜୟିନୀ ହେବାରେ ପ୍ରଥମ ଖେଳାଳି ପାଲଟିଛନ୍ତି । ତାଙ୍କ ପୂର୍ବରୁ ଭିକ୍ଟୋରିଆ ଏଜାରେଙ୍କା ୨୦୧୨-୧୩ରେ ଏପରି ଦ୍ୱିତୀୟବାର ଟାଇଟଲ ଜିତିଥିଲେ । ସବାଲେଙ୍କାଙ୍କୁ ପ୍ରଥମ ସେଟ୍ ଜିତିବା ଲାଗି ମାତ୍ର ୩୩ ମିନିଟ୍ ଲାଗିଥିଲା । ଏହା ପରେ ଦ୍ୱିତୀୟ ସେଟ୍‌କୁ ମଧ୍ୟ ସେ ବେଶ ସହଜରେ ଜିତିଯାଇଥିଲେ । ସବାଲେଙ୍କାଙ୍କ କ୍ୟାରିୟରରେ ଏହା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଗତବର୍ଷ ସେ ୟୁଏସ ଓପନ ଫାଇନାଲକୁ ପହଞ୍ଚିଥିଲେ ହେଲେ ଟାଇଟଲ ହାସଲ କରିପାରିନଥିଲେ ।

୨୦୦୦ ମସିହା ପରେ କୌଣସି ସେଟ୍ ନ ହରାଇ ଚାମ୍ପିୟନସିପ୍ ଜିତିବାରେ ସବାଲେଙ୍କା ପଞ୍ଚମ ମହିଳା ଟେନିସ୍ ଖେଳାଳି ପାଲଟିଛନ୍ତି । ପୂର୍ବରୁ ଏହି ସୂଚୀରେ ସେରେନା ୱିଲିୟମସ

ମଧ୍ୟ ଥିଲେ । ୨୫ ବର୍ଷ ବୟସ୍କା ସବାଲେଙ୍କା ୧୩ ମାସରେ ତାଙ୍କର ତୃତୀୟ ଗ୍ରାଣ୍ଡସ୍ଲାମ୍ ଖେଳିଥିଲେ । ଏଥିରୁ ଦୁଇଟିରେ ସେ ବିଜୟୀ ହେବାରେ ସଫଳ ହୋଇଛନ୍ତି । ଗତବର୍ଷ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସେ ଏଲିନା ରାୟବକିନାଙ୍କୁ ହରାଇଥିଲେ ।

ସେପଟେ ଚୀନ୍‌ର ୨୧ ବର୍ଷ ବୟସ୍କା ଝେଙ୍ଗ କିନନେଙ୍କର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ ଥର ର୍ୟାଙ୍କିଙ୍ଗରେ ଶୀର୍ଷ ୫୦ରେ ସାମିଲ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିପକ୍ଷରେ ଖେଳୁଥିଲେ । ଗ୍ରାଣ୍ଡସ୍ଲାମ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ଦ୍ୱିତୀୟ ମ୍ୟାଚ୍ ଥିଲା । ସବାଲେଙ୍କା ଗତବର୍ଷ ଆମେରିକାନ ଓପନ କ୍ୱାର୍ଟର ଫାଇନାଲରେ କିନନେଙ୍କୁ ହରାଇ ଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ । ଫାଇନାଲରେ ତାଙ୍କୁ ୧୯ ବର୍ଷୀୟ ଆମେରିକୀୟ ଖେଳାଳି କୋକୋ ଗଫଙ୍କ ବିପକ୍ଷରେ ହାରର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ବିଶ୍ୱର ଏକ ନମ୍ବର ଖେଳାଳି ନୋଭାକ୍ ଜୋକୋଭିକ୍‌ଙ୍କୁ ଶକ୍ତ ଝଟ୍‌କା, ସେମିଫାଇନାଲ୍‌ରେ ହାରି ଅଷ୍ଟ୍ରେଲିଆନ ଓପନ୍‌ରୁ ବିଦା

ନୂଆଦିଲ୍ଲୀ

ବିଶ୍ୱର ନମ୍ବର ୱାନ୍ ଟେନିସ୍ ଖେଳାଳି ନୋଭାକୋ ଜୋକୋଭିକ୍‌ଙ୍କୁ ଶକ୍ତ ଝଟ୍‌କା ଲାଗିଛି । ପ୍ରଥମ ଥର ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି ଜୋକୋଭିକ୍ । ପୁରୁଷ ଏକକ ବର୍ଗରେ ବିଶ୍ୱର ଚତୁର୍ଥ ନମ୍ବର ଖେଳାଳି ଇଟାଲୀର ଯାନିକ ସିନର ବିଶ୍ୱର ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିକ୍‌ଙ୍କୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରୁ ବିଦା କରିଦେଇଛନ୍ତି ।

ଏହି ପରାଜୟ ସହିତ ଜୋକୋଭିକ୍‌ଙ୍କର ୧୧ ଥର ଅଷ୍ଟ୍ରେଲିଆ ଓପନ୍ ଓ ୨୫ ଥର ଗ୍ରାଣ୍ଡସ୍ଲାମ୍ ଜିତିବା ସ୍ୱପ୍ନ ଭାଙ୍ଗିଯାଇଛି । ଏବେ ଆଗାମୀ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ହେଲେ ତାଙ୍କୁ ଫ୍ରାନ୍ସ ଓପନ ଟାଇଟଲ ମୁକାବିଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ସେମିଫାଇନାଲ୍ ମୁକାବିଲାରେ ୪ ସେଟ୍ ପର୍ଯ୍ୟନ୍ତ ଚାଲିଥିବା ଖେଳରେ ସିନ୍ ଜୋକୋଭିକ୍‌ଙ୍କୁ ୬-୧,୬-୨,୬-୭ ଓ ୬-୩ରେ ପରାସ୍ତ କରିଛନ୍ତି । ୨୨ ବର୍ଷୀୟ ସିନର କଠିନ ପରିଶ୍ରମ କରି ପ୍ରଥମ ଥର କୌଣସି ଏକ ଗ୍ରାଣ୍ଡ ସ୍ଲାମ୍ ପାଇନାଲ୍‌ରେ ପ୍ରବେଶ କରିଛନ୍ତି । ଅନ୍ୟ ଏକ ସେମିଫାଇନାଲ୍‌ରେ ଆଲେକ୍ସଜାଣ୍ଡାର୍ ଜେଭେରେଭ ଏବଂ ଡାନିଏଲ ମେଡଭେଡେଭଙ୍କ ମଧ୍ୟରେ ମୁକାବିଲା ହେବ । ଏଥିରେ ଯିଏ ଜିତିବେ ସେ ଫାଇନାଲରେ ସିନରଙ୍କ ସହ ମୁକାବିଲା କରିବେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଇଷ୍ଟ ଜୋନ ଇଣ୍ଟର ୟୁନିଭରସିଟି ଖୋ-ଖୋ (ମହିଳା) ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର, ନ୍ୟୁଜ୍

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ, ଇଷ୍ଟ ଜୋନ୍ ଇଣ୍ଟର ୟୁନିଭରସିଟି ଖୋ-ଖୋ (ମହିଳା) ଟୁର୍ଣ୍ଣାମେଣ୍ଟ ୨୦୨୩-୨୪ ଆରମ୍ଭ ହୋଇଯାଇଛି । ଶନିବାର ପ୍ରଥମ ଦିନର ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଟୁର୍ଣ୍ଣାମେଣ୍ଟର ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ପି.ଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ଡକ୍ଟର ସୁପ୍ରୀତି ମିଶ୍ର ଓ ଡକ୍ଟର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭିକ

ଉତ୍ସବରେ କୁଳପତି ତଥା ବିଶିଷ୍ଟ ଅତିଥିମାନଙ୍କ ସହ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ୨୧ଟି ବିଶ୍ୱବିଦ୍ୟାଳୟର ଖେଳାଳିମାନଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ, ଶପଥ ଗ୍ରହଣ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ ସମସ୍ତ ଖେଳାଳିଙ୍କୁ ସହ ଭେଟି ଶୁଭେଚ୍ଛା ଜଣାଇଥିଲେ ଓ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିଥିବା ହେତୁ ସେମାନଙ୍କୁ ଉତ୍ସାହିତ କରିଥିଲେ ।

ଏହାପରେ ସମସ୍ତ ବିଶ୍ୱବିଦ୍ୟାଳୟ ଦଳର ପ୍ରତିନିଧିଙ୍କ ସହିତ ଖେଳାଳିଙ୍କ ଖେଳ ପଡ଼ିଆରେ ଏକ ପଦଯାତ୍ରା କରାଯାଇଥିଲା । ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା, ଛତିଶଗଡ଼, ଆସାମ, ୱେଷ୍ଟବେଙ୍ଗଲ, ଉତ୍ତରପ୍ରଦେଶ ଆଦି ରାଜ୍ୟର ୨୧ ଟି ଦଳ ଅଂଶଗ୍ରହଣ କରିଛନ୍ତି । ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି ଖୋ-ଖୋ ଟୁର୍ଣ୍ଣାମେଣ୍ଟ ମାସ ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସୂଚନା ମିଳିଛି । ପ୍ରଥମ ଦିନରେ ୧୧ ଟି ଲିଗ୍ ମ୍ୟାଚ ଖେଳାଯାଇଛି ଏବଂ ସେଗୁଡିକର ଫଳାଫଳ ମଧ୍ୟ ଘୋଷିତ କରାଯାଇଛି । ଆଜିର ଉଦଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

ଡକ୍ଟର ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳନ କରିଥିଲେ । ସଂଗ୍ରାମ କେଶରୀ ବିଶୋଇ ଟୁର୍ଣ୍ଣାମେଣ୍ଟ ପରିଚାଳକ ଦାୟିତ୍ୱରେ ଥିବା ବେଳେ ସ୍ପୋର୍ଟସ କାଉନସିଲର ସହାୟକ ନିର୍ଦ୍ଦେଶକ ଅମିତ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ଅବସର ନେଲେ ହକି ଷ୍ଟାର ଦୀପ୍‌ଗ୍ରେସ୍ ଏକ୍‌କା

ଭୁବନେଶ୍ୱର

ଭାରତୀୟ ମହିଳା ହକି ଷ୍ଟାର ଦୀପଗ୍ରେସ୍ ଏକ୍‌କା ନେଲେ ଅବସର । ୧୭ ବର୍ଷ ବୟସରେ ୨୦୧୧ରେ ହକିରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ଦୀପଗ୍ରେସ ଆର୍ଜେଣ୍ଟିନାରେ ସେ ପ୍ରଥମ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ । ସେଠାରେ ଚମତ୍କାର

ପ୍ରଦର୍ଶନ କରି ହକି ଜଗତରେ ନୂଆ ପରିଚୟ ସୃଷ୍ଟି କରିଥିଲେ ।

ପରେ ବ୍ୟାଙ୍କକ୍‌ରେ ହୋଇଥିବା ଅଣ୍ଡର ୧୮ ଏସିଆ କପରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ । ସୁନ୍ଦରଗଡ଼ ଝିଅ ଦୀପଗ୍ରେସ ଏକ୍‌କା ୨୦୧୩ରେ ଓମେନ୍ସ ଜୁନିୟର ହକି ବିଶ୍ୱ କପରେ ବ୍ରୋଞ୍ଜ ମେଡାଲ ଜିତି ସମସ୍ତଙ୍କ ହୃଦୟ ଜିତିଥିଲେ । ପେନାଲ୍ଟି କର୍ଣ୍ଣର ଦେବାରେ ଏକ୍ସପର୍ଟ ହେଉଛନ୍ତି ଦୀପଗ୍ରେସ ଏଏକ୍‌କା ।

ଏମ୍‌ସିଏଲ୍ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ମହାନଦୀ କୋଲଡ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏମସିଏଲ୍‌ର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଉତ୍ସବରେ ଏମସିଏଲର ନିର୍ଦ୍ଦେଶକ (ପର୍ସୋନେଲ) କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଫିସର ପି.କେ. ପଟେଲ, ନିର୍ଦ୍ଦେଶକ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଜାନୁଆରୀ ୨୦୨୪ ରବିବାର



ଭୁବନେଶ୍ୱର : ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ଅବସରରେ ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ପରେଡ୍‌ର ଚିତ୍ତାକର୍ଷକ ଦୃଶ୍ୟ। (ଫଟୋ : ସମ୍ବାଦ କଳିକା।

ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଆମ ସାଂସ୍କୃତିକ ସ୍ମୃତିର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ସଂସ୍କୃତି ହିଁ ଆମ ପରିଚୟ ଓ ଅସ୍ମିତାର ପ୍ରତୀକ । ଏଥିରେ ଲୋକମାନଙ୍କର ସ୍ୱପ୍ନ, ସଂଗ୍ରାମ, ଅଭିପ୍ସା ଓ ସୃଜନ ନିହିତ। ଏହାହିଁ ଏକ ଜାତିର ଅସଲ ଇତିହାସ। ଏହି ଇତିହାସର ବିଶ୍ଳେଷଣ ଓ ବ୍ୟାଖ୍ୟାନ ମାଧ୍ୟମରେ ଜାତିକୁ ପ୍ରେରଣା ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ 'ଭୁବନେଶ୍ୱର ସାହିତ୍ୟ ପର୍ବ'ର ଉଦ୍‌ଘାଟନ ପର୍ବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଲେ ଯେ ଆମର ସାଂସ୍କୃତିକ ସ୍ମୃତି ହିଁ ସାହିତ୍ୟରେ ପ୍ରତିଫଳିତ ହୁଏ। ସଂପ୍ରତି ଏଥିରେ ଅବକ୍ଷୟ ଚିନ୍ତାର ବିଷୟ। ଆମ ସାଂସ୍କୃତିକ ସ୍ମୃତିର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରି ଏ ସଂପର୍କରେ ନୂତନ ପିଢ଼ି ଗମ୍ଭୀରତାର ସହିତ ବିଚାର କରିବାକୁ ସେ ପରାମର୍ଶ ଦେଇଥିଲେ। ସୁସାହିତ୍ୟିକ ରବି ନାରାୟଣ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ପରିବର୍ତ୍ତିତ ପୃଷ୍ଠଭୂମିରେ ସାହିତ୍ୟର ସ୍ୱରୂପ ମଧ୍ୟ ବଦଳି ଯାଉଛି । ସାହିତ୍ୟ ହିଁ ଆମ ସଂସ୍କୃତିର ମାର୍ଗଦର୍ଶକ। ବିଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ସାହିତ୍ୟକୁ ଯଥାର୍ଥ ଗୁରୁତ୍ୱ ଦିଆଯାଉ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନ ପ୍ରକାଶିତ 'କବିତା ୨୦୨୩', ସାହିତ୍ୟ ପର୍ବ ସ୍ମରଣିକା 'ଆସର' ସମେତ ଡ. ଅଶୋକ କୁମାର ସିଂହଙ୍କ 'ଗୀତି ବିଚିତ୍ରା' ଓ ଡ. ବିଦ୍ୟୁତପ୍ରଭା ଗନ୍ତାୟତଙ୍କ ଅନୁଦିତ ପୁସ୍ତକ 'ବେଦ୍‌ରାହିଙ୍କ କବିତା' ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପ୍ରୀତିଧାରା ସାମଲଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ ଶିଳ୍ପୀ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କୁ 'ଦିନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବ ନିର୍ଦ୍ଦେଶକ ଡ. ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ପରେ 'ନ୍ୟୁ ଏଜ୍ ଟେକ୍ନୋଲୋଜିରେ ଓଡ଼ିଆ ଭାଷା ଓ ସାହିତ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ଡ. ବସନ୍ତ କୁମାର ପଣ୍ଡା, ପୁଷ୍ପଶ୍ରୀ ପଟ୍ଟନାୟକ, ଡ. ମୃଣାଳ ଚାଟାର୍ଜୀ, ଜୀବନ କୁମାର ପଣ୍ଡା ଓ ସନ୍ଦୀପ କୁମାର ମିଶ୍ର ଅଂଶଗ୍ରହଣ କରିଥିଲେ। ସେହିପରି 'ଓଡ଼ିଆ କଥା ସାହିତ୍ୟ' ଉପରେ ହୋଇଥିବା ଆଲୋଚନା ଚକ୍ରରେ ଭୀମ ପୁଷ୍ଟି, ସହଦେବ ସାହୁ, ଚିରଶ୍ରୀ ଇନ୍ଦ୍ରସିଂ, ସୀତେଶ ତ୍ରିପାଠୀ, ଆଶିଷ ଗଡ଼ନାୟକ ଯୋଗଦେଇଥିଲେ। ଅପରାହ୍ନରେ 'ଓଡ଼ିଆ ସାହିତ୍ୟରେ ଦଳିତ ବିମର୍ଶ' ଶୀର୍ଷକ ଆଲୋଚନା ଚକ୍ରରେ ଡ. ଆଶୁତୋଷ ପରିଡ଼ା, ଅଶ୍ୱିନୀ କୁମାର ମିଶ୍ର, ଡ. ବାସୁଦେବ ସୁନାନୀ, ପୀତାମ୍ବର ତରାଇ, ଡ. ସଞ୍ଜୟ କୁମାର ବାଗ୍ ଅଂଶ ଗ୍ରହଣ କରିଥିଲେ।

ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କ ସହିତ ମଧୁମିତା ମହାନ୍ତିଙ୍କ କଥାବାର୍ତ୍ତା ହୋଇଥିବା ବେଳେ 'ଓଡ଼ିଆ ଭ୍ରମଣ ସାହିତ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ଡ. ଆଦ୍ୟାଶା ଦାସ, ଡ. ମନୋଜ କୁମାର ପଣ୍ଡା, ଅମରେଶ ବିଶ୍ୱାଳ ଓ କେଦାର ମିଶ୍ର ମତବିନିମୟ କରିଥିଲେ। ସନ୍ଧ୍ୟାରେ ଦେବଦତ୍ତ ପଟ୍ଟନାୟକ ନିର୍ଦ୍ଦେଶନାରେ କବି ରମାକାନ୍ତ ରଥଙ୍କ 'ଶ୍ରୀ ରାଧା' ଆଧାରିତ କାବ୍ୟାଭିନୟ ପରିବେଷିତ ହୋଇଥିଲା।

କିଟ୍ ଓ କିସ୍‌ରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗିନିର ନ୍ୟାସ୍‌ନାଲ୍ ଟ୍ରାନଜିସନ୍ କାଉନ୍‌ସିଲ୍ ପ୍ରେସିଡେଣ୍ଟ ଡ. ଦନଶା କୋରୋମା ଯୋଗଦେଇଥିବା ବେଳେ ପ୍ରାକ୍ତନ ଲେଫ୍‌ଟ୍‌ନାଣ୍ଟ ଜେନେରାଲ ସି.ପି. ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଡ. କୋରୋମା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଭାରତର ଏହି ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ଏଭଳି ଏକ ଅନୁଷ୍ଠାନରେ ଅତିଥି ଭାବେ ଯୋଗ ଦେଇଥିବାରୁ ବ୍ୟକ୍ତିଗତ ଭାବେ ମୁଁ, ଆମ ଦେଶର ଲୋକ ଓ ଆମ ଦେଶ ଏଥିପାଇଁ ଗୌରବାନ୍ୱିତ ମନେକରୁଛି। ସାଧାରଣତନ୍ତ୍ର ଦିବସ ସମସ୍ତଙ୍କ ପାଇଁ ଗୁରୁତ୍ୱ ବହନ କରେ। ଆମ ଦେଶ ଗିନିରେ ମଧ୍ୟ ସାଧାରଣତନ୍ତ୍ର ଦିବସ ଅତି ଗୁରୁତ୍ୱର ସହ ପାଳନ କରାଯାଇଥାଏ। ଏଭଳି କାର୍ଯ୍ୟକ୍ରମରେ ମୋତେ ନିମନ୍ତ୍ରଣ କରାଯାଇଥିବାରୁ ସେ କିଟ୍ ଓ କିସ୍ ତଥା ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପ୍ରାକ୍ତନ ଲେଫ୍‌ଟ୍‌ନାଣ୍ଟ ଜେନେରାଲ ସି.ପି. ମହାନ୍ତି ଛାତ୍ରଛାତ୍ରୀଙ୍କ ପରେଡ୍ ଓ ମାର୍ଚ୍ଚପାଷ୍ଟର ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଏଠାରୁ ଉଚ୍ଚଶିକ୍ଷା ଗ୍ରହଣ କରି ପିଲାମାନେ ଯେତେବେଳେ

ନିଜ ସ୍ଥାନକୁ ଯିବେ ସେମାନେ ଅତିକମ୍‌ରେ ୧୦ଜଣଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରାଇବା ଉଚିତ । ପ୍ରତ୍ୟେକ ଛାତ୍ରଛାତ୍ରୀ ସମାଜରେ ଜଣେ ଜଣେ ଭଲ ମଣିଷ ହେବା ସହ ରାଷ୍ଟ୍ର ଗଠନ ଦିଗରେ ବ୍ରତୀ ହେବା ପାଇଁ ଚେଷ୍ଟା କରିବା ଉଚିତ । ଏହା ସହ ସମୟାନୁବର୍ତ୍ତିତା ଅନୁସରଣ କରିବା ସହ ଶୃଙ୍ଖଳା ଜ୍ଞାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିବା ଉଚିତ ବୋଲି ସେ କହିଥିଲେ ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ବିଗତ ୨୬ବର୍ଷ ଧରି କିଟ୍ ଓ କିସ୍ ନିଜର ପ୍ରୟାସ ଓ ଉଦ୍ୟମ ଯୋଗୁଁ ସମଗ୍ର ବିଶ୍ୱରେ ପ୍ରଶଂସାର ପାତ୍ର ହୋଇପାରିଛି । କିଟ୍ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଡ. ସାମନ୍ତ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର.ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପି.କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ ପକ୍ଷରୁ ପ୍ରଜ୍ଞାପନ ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାର୍ଚ୍ଚପାଷ୍ଟ ବିଚାରକ ଭାବେ ପ୍ରାକ୍ତନ ପୋଲିସ କମାଣ୍ଡାଣ୍ଟ ସୁବାସ ଚନ୍ଦ୍ର ତ୍ରିପାଠୀ ଓ ଅମ୍ବିକା ପ୍ରସାଦ ପଣ୍ଡା ଯୋଗ ଦେଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଚାରକ ଭାବେ ଶ୍ରୀକାନ୍ତ ଗୌତମ, ପ୍ରତିଭା ପଣ୍ଡା ଓ ଗୀତା ପଟ୍ଟନାୟକ ଯୋଗ ଦେଇଥିଲେ।

ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ଦେହାନ୍ତ : ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ୧୦୨ ବର୍ଷ ବୟସରେ ଦେହାନ୍ତ ହୋଇଛି। କଟକ ବଡ଼ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବୟସାଧିକ୍ୟ କାରଣରୁ ସେ ଗତ ୨୪ ତାରିଖ ଠାରୁ ମେଡିସିନ ବିଭାଗର ଆଇସିୟୁରେ ୩ ଦିନ ଧରି ଚିକିତ୍ସିତ ହେଉଥିଲେ। ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ସ୍ୱାଧୀନତା ସଂଗ୍ରାମୀ ରାଜ୍ୟ ସଭାପତି ଥିଲେ।

ସ୍ୱର୍ଗତ ନୀଳମଣି ସାମଲ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ବାଲିପଡ଼ିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ବେଳେ ସେ ୩

ବର୍ଷ ଜେଲ୍‌ରେ ରହିଥିଲେ। ଏହାସହ ସେ ଦୁଇଥର ରାଷ୍ଟ୍ରପତି ପୁରସ୍କାର ମଧ୍ୟ ପାଇଥିଲେ।

ସୂଚନାଯୋଗ୍ୟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଗୁରୁତର ଅସୁସ୍ଥ ହେବା ପରେ ଗତ ୨୪ ତାରିଖ ଦିନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ବ୍ୟବସ୍ଥା କରିଥିଲେ। ଜିଲ୍ଲାପାଳଙ୍କ ପରାମର୍ଶରେ ୧୦୮ ଆମ୍ବୁଲାନ୍ସ ଯୋଗେ ଶ୍ରୀ ସାମଲଙ୍କୁ ତାଙ୍କ ବାସଭବନରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବ ବୟସରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ସେ କାରାବରଣ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ତାଙ୍କର ତ୍ୟାଗ ତାଙ୍କୁ ସ୍ମରଣୀୟ କରି ରଖିବ। ସ୍ୱାଧୀନତା ପରେ ମଧ୍ୟ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଦେଶର ଯୁବ ସମାଜକୁ ସେବା ଓ ଦେଶପ୍ରେମର ବାର୍ତ୍ତା ଦେଇ ଆସିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ବିୟୋଗରେ ଜଣେ ବିଶିଷ୍ଟ ସଂଗ୍ରାମୀଙ୍କୁ ଆମେ ହରାଇଲୁ ବୋଲି ସେ କହିଛନ୍ତି। ସ୍ୱର୍ଗତ ନାୟକଙ୍କ ଶେଷ କୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି।

ରୁଷ ତୈଳ ଜାହାଜକୁ ମିଶାଇଲ ମାଡ଼ କଲେ ହୁତି ବିଦ୍ରୋହୀ

ନୂଆଦିଲ୍ଲୀ

ଆଡନ ଗଲ୍ଫରେ ଥିବା ବ୍ରିଟିଶ ତେଲ ଟ୍ୟାଙ୍କର ଉପରେ ମିଶାଇଲ ମାଡ଼ କଲେ ୟେମେନର ହୁତି ବିଦ୍ରୋହୀ। ଅଲ-ମାସିରା ଟିଭି ଗ୍ରୁପ ଦ୍ୱାରା ପ୍ରସାରିତ ଏକ ବିବୃତିରେ ହୁତି ସାମରିକ ମୁଖପାତ୍ର ୟାହିୟା ସାରିଆ କହିଛନ୍ତି, ଆମର ସୈନ୍ୟମାନେ ଆଡନ ଗଲ୍ଫରେ ଥିବା ବ୍ରିଟିଶ ତୈଳ ଜାହାଜ ମାର୍ଲିନ ଲୁଆଣ୍ଡାଙ୍କୁ ଟାର୍ଗେଟ କରିଛନ୍ତି। ଏହି ଆକ୍ରମଣ ସଠିକ ଲକ୍ଷ୍ୟଭେଦ କରିଥିବାରୁ ଜାହାଜରେ ନିଆଁ ଲାଗିଯାଇଥିଲା। ଲୋହିତ ସାଗରରେ ଉତ୍ତେଜନା ବଢିବାରେ ଲାଗିଛି। ବ୍ରିଟିଶ ସେନା କହିଛି ଯେ ଶୁକ୍ରବାର ୟେମେନ ନିକଟରେ ଥିବା ଏକ ଜାହାଜକୁ ଟାର୍ଗେଟ କରି ଦୁଇଟି କ୍ଷେପଣାସ୍ତ୍ର ଚଳାଇଥିଲେ। କିନ୍ତୁ ଏଥିରେ କୌଣସି ଜୀବନହାନୀ କିମ୍ବା ସମ୍ପତ୍ତି ନଷ୍ଟ ହୋଇନାହିଁ। ଏହାପୂର୍ବରୁ ବ୍ରିଟେନର ସାମୁଦ୍ରିକ ପର୍ଯ୍ୟବେକ୍ଷକ ଏଜେନ୍ସି ଯୁକ୍ତରାଜ୍ୟ ସାମୁଦ୍ରିକ ବାଣିଜ୍ୟ ଅପରେସନ୍ସ (ୟୁକେଏମଟିଓ) କହିଛି ଯେ ୟେମେନର ଆଡନର ଦକ୍ଷିଣ-ପଶ୍ଚିମ ଦିଗରୁ ୬୦ ମାଇଲ ଦୂରରେ ଥିବା ଏକ ଜାହାଜ ଉପରେ ଆକ୍ରମଣ ହେବାର ଖବର ଆସିଛି। ସିନ୍ଧୁ ନ୍ୟୁଜ ଏଜେନ୍ସି ରିପୋର୍ଟ କହିଛି ଯେ ଜାହାଜ ନିକଟରେ ଦୁଇଟି ମିଶାଇଲ ମାଡ଼ ହେବା ପରେ ଆମେରିକା-ବ୍ରିଟେନ ସାମୁଦ୍ରିକ ମେଣ୍ଟ ଏହି ଆକ୍ରମଣର ଜବାବ ଦେଇଛି।।

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ

ଅନୁଗୁଳ,ନ୍ୟୁଜ୍‌ବ୍ୟୁରୋ

ଅନୁଗୋଳ ଠାରେ ଅବସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସର୍ବବୃହତ୍ ଷ୍ଟିଲ୍‌ପ୍ଲାଣ୍ଟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତହୋଇଯାଇଛି । ଜିନ୍ଦଲ ନଗରସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ପଙ୍କଜ ମଲହାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ମଧ୍ୟ ଯୋଗଦାନ କରିଥିଲେ।

ଏହି ଅବସରରେ ଶ୍ରୀ ମଲହାନ, ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢି ଶୁଣାଇବା ସହ କମ୍ପାନୀର ନୂତନ କୀର୍ତ୍ତିମାନ ଏବଂ ଏହା କିପରି ଆମ ରାଷ୍ଟ୍ରକୁ ଏକ ଆତ୍ମ-ନିର୍ଭର ଏବଂ ବିକଶିତ ଭାରତରେ ସହାୟକ ହୋଇପାରିବ ସେ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ।

ନବୀନ ଜିନ୍ଦଲତାଙ୍କ ବାର୍ତ୍ତାରେ ଜେଏସ୍‌ପି ଗ୍ରୁପ ସାରାଦେଶରେ ଏକଲକ୍ଷ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରି ତିନିଲକ୍ଷ ଜନତାଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ସେ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନ ଜେଏସପିର ମୁଖ୍ୟ ଲକ୍ଷ୍ୟ ହେବା ସହ ୨୦୪୭ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ନିମନ୍ତେ ପ୍ରୟାସରତ ବୋଲି ମଧ୍ୟ କହିଥିଲେ।

ସେହିପରି ଗଣତନ୍ତ୍ର ଦିବସ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ବଡ଼ବିଲ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ୍ ମାଇନ୍ସରେ ବହୁ ଉତ୍ସାହ ଏବଂ ଦେଶପ୍ରେମ ସହିତ ପାଳନ କରାଯାଇଥିଲା। ସଂପୃକ୍ତ ୟୁନିଟ୍ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ, ସମସ୍ତ କର୍ମଚାରୀ ଏବଂ ସହଯୋଗୀଙ୍କ ଅଂଶଗ୍ରହଣରେ ୟୁନିଟ୍ ଗୁଡିକରେ ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମଲେଇ ପ୍ରକଳ୍ପ...

ରହିବାର ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ ସମସ୍ତ ନବନିର୍ମିତ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ପୁଷ୍କରିଣୀର ନୂଆ ରୂପ, ୱାଚ ଟାୱାର, ପରିକ୍ରମା କରିଡ଼ର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ମହାନଦୀ ରିଭର ଫ୍ରଣ୍ଟ ଦୃଶ୍ୟ ଅତୀବ ରମଣୀୟ ହୋଇଛି। ଏହା ୩୫୦ ମିଟର ଦୀର୍ଘ ଓ ୨୫ ମିଟର ପ୍ରସ୍ଥ ବିଶିଷ୍ଟ କରାଯାଇଛି। ଆଳତି ପାଇଁ ୩୧ ମିଟରର ପ୍ଲାଟଫର୍ମ କରାଯାଇଛି। ମହାନଦୀ ଘାଟ ଅତ୍ୟନ୍ତ ଚିତ୍ତାକର୍ଷକ ରୂପ ନେଇଛି । ଏଠାରେ ସ୍ଥାୟୀ ଭାବେ ମହାନଦୀ ଆଳତିର ବ୍ୟବସ୍ଥା କରାଯାଇଛି। ୩୭ ମିଟର ଦୀର୍ଘ, ଓ ୬ ମିଟର ଉଚ୍ଚ ଏକ ଫୁଟ ଓଭର ବ୍ରିଜ ମଧ୍ୟ ନିର୍ମାଣ କରାଯାଇଛି। ସୂଚନା ଯୋଗ୍ୟ ଯେ ମା'ଙ୍କ ପୀଠକୁ ଦୈନିକ ଏବେ ୫ରୁ ଦଶ ହଜାର ଭକ୍ତ ଆସୁଛନ୍ତି । ରୂପାନ୍ତର ପରେ ଦୈନିକ ୨୦ ହଜାର ଭକ୍ତ ଆସିବାର ସମ୍ଭାବନା ରହିଛି । ଏହା ସହିତ ପୂଜା ପାର୍ବଣ ଦିନରେ ୫୦ ହଜାରରୁ ଏକ ଲକ୍ଷ ଭକ୍ତ ଆସିବାର ସମ୍ଭାବନା ରହିଛି । ଏହାଦ୍ୱାରା ସ୍ଥାନୀୟ ଅର୍ଥନୀତିର ଉନ୍ନତି ହେବ। ଏହାସହିତ, ବିଶେଷକରି ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାର ମାନେ ମଧ୍ୟ ଅଧିକ ରୋଜଗାର ପାଇବାର ସମ୍ଭାବନା ବୃଦ୍ଧି ପାଇବ। ମିଶନ ଶକ୍ତି କାଫେ ପରିଦର୍ଶନ କରି ମା'ମାନଙ୍କ କାମର ଉଚ୍ଚ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରକଳ୍ପରେ ବହୁମୂଲ୍ୟ ଅବଦାନ ରଖିଥିବା ଶିଳ୍ପୀ, କାରିଗର ଓ ଶ୍ରମିକ ମାନଙ୍କୁ ସମ୍ବର୍ଦ

RNI Regd. No. : 52640/94 Postal Regd. No. : BN/60/22-24
ଭୁବନେଶ୍ୱର ୨୮ ଜାନୁଆରୀ ରବିବାର, ୨୦୨୪

ଶୁଭ ଲୋକାର୍ପଣ ପରେ ଝଲସିଲା ମା' ସମଲେଶ୍ୱରୀଙ୍କ ପୀଠ



ସମ୍ବଲପୁର ପରିକ୍ରମା ପ୍ରକଳ୍ପ ପରେ ମା' ସମଲେଶ୍ୱରୀଙ୍କ ପୀଠର ହୋଇଛି ରୂପାନ୍ତରଣ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ପ୍ରକଳ୍ପର ଶୁଭଲୋକାର୍ପଣ କରିଛନ୍ତି ।

ରୂପାନ୍ତରଣ ସ୍ପର୍ଶରେ ଝଲସି ଉଠିଛି ମା' ସମଲେଶ୍ୱରୀଙ୍କ ପୀଠ । ଏହି ସମଲେଇ ପ୍ରକଳ୍ପ ୪୦ ଏକର ଜମିରେ ନିର୍ମାଣ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ 'ସମଲେଇ ପ୍ରକଳ୍ପ'ର ଶୁଭ ଲୋକାର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ । ସମଲେଇ ପ୍ରକଳ୍ପ ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସମସ୍ତ ନବ ନିର୍ମିତ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ । ପୁଷ୍କରିଣୀର ନୂଆ ରୂପ, ୱାଚ୍ ଟାୱାର, ପରିକ୍ରମା କରିଡ଼ର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି ଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି କାଫେ ପରିଦର୍ଶନ କରି ମା'ମାନଙ୍କ କାମର ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ ।

ରାଜ୍ୟ ସରକାର ୫-ଟି ଉପକ୍ରମରେ ଏହି ପୀଠର ରୂପାନ୍ତରଣ ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅକ୍ଳାନ୍ତ ଉଦ୍ୟମ ପାଇଁ ସବୁପ୍ରକାର ବିରୋଧ, ଘାତପ୍ରତିଘାତ, ଆଇନଅଦାଲତି ମାମଲା ଏବଂ ସର୍ବୋପରି ମହାମାରୀ କୋଭିଡ୍ ସତ୍ତ୍ୱେ ରେକର୍ଡ ସମୟ ମଧ୍ୟରେ ଏହା ଶେଷ ହୋଇପାରିଛି ।

ମା' ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ପାଇଁ ୧୭ ଫେବୃଆରୀ, ୨୦୨୧ ମସିହାରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୨୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ ଏବଂ ଦ୍ୱିତୀୟ ପର୍ଯ୍ୟୟରେ ଆଉ ୨୦୦ କୋଟି ଟଙ୍କା ଅନୁଦାନ ମଞ୍ଜୁର କରାଯାଇଥିଲା । ଜମି ଅଧିଗ୍ରହଣ ପରେ ୨୦୨୨ ଏପ୍ରିଲ ୧୫ ତାରିଖରେ ସମଲେଇ ପ୍ରକଳ୍ପ ପାଇଁ ଭୂମି ପୂଜନ ହୋଇଥିଲା । ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିସ୍ଥାପିତଙ୍କୁ ଥଇଥାନ, କଲୋନୀ ନିର୍ମାଣ, ପ୍ରକଳ୍ପ ନିର୍ମାଣ କାମ ନେଇ ରାଜ୍ୟ ସରକାର ୩୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ୧୨ ଏକର ଜମିରେ ପ୍ରତିଷ୍ଠିତ ମା'ଙ୍କ ମନ୍ଦିର ରହିଛି । ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତମାନେ ଯେଭଳି ସୁବିଧାରେ ମା'ଙ୍କର ଦର୍ଶନ କରିପାରିବେ, ସେଥିପାଇଁ ଧାଡି ପରିଚାଳନା ବ୍ୟବସ୍ଥା, ଭୋଗମଣ୍ଡପ ଓ ପୂଜାରୀଙ୍କ ବିଶ୍ରାମଗୃହ ନିର୍ମାଣ କରାଯାଇଛି । ପ୍ରାୟ ୩୦ ଏକର ଜମିରେ ମନ୍ଦିର ପାରିପାର୍ଶ୍ୱିକ ବିକାଶ କରାଯାଇଛି । ମନ୍ଦିର ଚାରିପଟେ ଭକ୍ତମାନେ ଯେପରି ସୁବିଧାରେ ପରିକ୍ରମା କରିପାରିବେ, ସେଥିପାଇଁ ୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି । ସବୁଠାରୁ ବଡକଥା ହେଲା ପ୍ରଥମ କରି ଓଡିଶାରେ ମହାନଦୀ ଆଳତୀ ବ୍ୟବସ୍ଥା କରାଯାଇଛି । ମହାନଦୀ ମା'ଙ୍କ ମନ୍ଦିରରୁ ଯେଭଳି ସ୍ପଷ୍ଟ ଦୃଶ୍ୟମାନ ହୋଇପାରିବ ଓ ଶ୍ରଦ୍ଧାଳୁମାନେ ଯେପରି ସୁବିଧାରେ ସେମାନଙ୍କର ପରମ୍ପରା ରୀତିନୀତି ପାଳନ କରିପାରିବେ ସେ ନେଇ ୩୫୦ ମିଟର ନଦୀକୂଳର ବିକାଶ କରାଯାଇଛି । ତା'ସହିତ ପର୍ଯ୍ୟଟକମାନଙ୍କୁ ମହାନଦୀର ମନୋହର ଦୃଶ୍ୟ ଅବଲୋକନ ପାଇଁ ପ୍ୟାଭିଲିୟନ, ପ୍ଲାଜା ଓ ଡେକ୍ ଆଦି ନିର୍ମାଣ କରାଯାଇଛି । ପ୍ରୋଜେକ୍ସନ ମ୍ୟାପିଂ ବ୍ୟବହାର କରି ପ୍ରତି ସଂଧ୍ୟାରେ ମା'ଙ୍କର ମହିମାମୟ କାହାଣୀ ପ୍ରଚାର ବ୍ୟବସ୍ଥା ହୋଇଛି ।

ପ୍ରକଳ୍ପ ଲୋକାର୍ପଣ ପରେ ଏବେ ସମଲେଇ ମନ୍ଦିରରେ ଶ୍ରଦ୍ଧାଳୁ ପାଇବେ ଦିବ୍ୟ ଅନୁଭୂତି । କେବଳ ଆମ ରାଜ୍ୟ ନୁହେଁ ସମଗ୍ର ଦେଶରୁ ବିଭିନ୍ନ ସମୟରେ ମା'ସମଲେଇଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଭିନ୍ନ ଅନୁଭୂତି ପାଇବେ । ମା'ସମଲେଇଙ୍କ ରୂପାନ୍ତରିତ ପୀଠ ଆଗାମୀ ଶହଶହ ବର୍ଷ ଧରି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ବିଶ୍ୱାସ କରାଯାଉଛି ।

ପ୍ରକୃତିର ଏହି ଅପରୂପ ଉପତ୍ୟାକାରେ କାହିଁ କେଉଁକାଳରୁ ମା' ସମଲେଇ ପୂଜା ପାଇ ଆସୁଛନ୍ତି । ଯେତେବଡ ବିପଦ କି ଆପଦ ଆସିଲେ ମାଆ ସମଲେଇ ସାହା । ଏହି ଲୋକବିଶ୍ୱାସରେ ଗଢା ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ତଥା ପଶ୍ଚିମ ଓଡ଼ିଶାର ପରମ ଆରାଧ୍ୟା ମା' ସମଲେଶ୍ୱରୀଙ୍କ ମନ୍ଦିର । ସେହି ଲୋକବିଶ୍ୱାସକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହି ପୀଠର ରୂପାନ୍ତରଣ ପାଇଁ ନେଇଥିବା ନିଷ୍ପତ୍ତିକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ । ଏଥି ପାଇଁ କେବଳ ପଶ୍ଚିମ ଓଡ଼ିଶା ବାସୀ ନୁହଁନ୍ତି ମା' ସମଲେଶ୍ୱରୀଙ୍କ ଅଗଣିତ ଭକ୍ତ, ଶ୍ରଦ୍ଧାଳୁ, ବୁଦ୍ଧିଜୀବୀଙ୍କ ସମେତ ସବୁ ବର୍ଗର ଲୋକେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କୁ ଅଶେଷ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।

ଶ୍ରଦ୍ଧାଳୁଙ୍କ ମୁଖରୁ...

ମୁଖ୍ୟମନ୍ତ୍ରୀ ଜେନ ଆମର କଲାକାର ମାନକୁ ଜେନ ସମ୍ମାନୀତ କରୁଛନ୍ତି ଆମକୁ ବହୁତ ଖୁସି ଲାଗୁଛେ, କଲାକାର ଭାଇମାନେ ଜେନ ଗହଲି କରିଛନ ମା'ଙ୍କ ନାମରେ ତାକର ସାମ୍ନାରେ ନାଚି ପାର ବାରଟା ବହୁତ ଖୁସି ଲାଗୁଛେ ବହୁତ ଆନନ୍ଦ ଲାଗୁଛେ କୌଣସି ଅସୁବିଧା ନାହିଁ ।
ବର୍ଷିକ ତ୍ରିପାଠୀ (ରାଧା ମାଧବ କିର୍ତ୍ତନ ମଣ୍ଡଳି ଚାରମାଲ)

ଆମକୁ ଇନକେ ଡାକିଥିବାରୁ ବହୁତ ଆନନ୍ଦ ଉସତ ଲାଗୁଛେ ପ୍ରଭୁଙ୍କ ନାମ ସଂକୀର୍ତ୍ତନ ଚାଲିଛେ ।
ନଟବର ପ୍ରଧାନ (ରାଧା କୃଷ୍ଣ କିର୍ତ୍ତନ ମଣ୍ଡଳି)

ଆଜି ଆମର ସମଲେଶ୍ୱରୀ ଅଧିଷ୍ଠାତ୍ରୀ ଦେବୀଙ୍କର ସବୁ ନୁଆଁ ମୋଡେଲିଙ୍କ କରିକରି ଆମର ସମ୍ବଲପୁର ଏରିୟା କେ ଗୁଟେ ମହତ କାମ ଦେଖେଇଛନ ।
ସାହେବ ବେହେରା (ଜୁଜୁମୁରା ରୁଗୁଡିପାଲି)

ଏହି ମାର ପ୍ରକଲ୍ପ ବହୁତ ବଢିଆ କରିଛନ କାମ ହେଉଛେ ଠିକ୍ ଆଏ, ଲୋକମାନର ଲାଗି ଭଲ ହେଉଛେ ଆଉ ଆମର ମାନକର ଲାଗି ବହୁତ ବଢିଆ କରିଛନ କାହିଁ କେତେ ଦୁରୁ ଲୋକମାନେ ଆସୁଛନ । ଆମର ନବୀନ ବାବୁ ମୁଖ୍ୟମନ୍ତ୍ରୀଙ୍କୁ ବହୁତ ବହୁତ ଧନ୍ୟବାଦ ଆହୁରି ଆଗକେ ଆଉ ବହୁତ ବଢିଆ କରବେ ବୋଲି ଆଶା ରଖିଛୁ ।
ସଞ୍ଜୁକ୍ତା ପଟେଲ (ଜମେନକିରା ରଜାମୁଡା)

ଆମର ଜେନ ସମଲେଶ୍ୱରୀ ଯୋଜନା କରା ହୋଇଥିଲା ଲୋକଙ୍କର ପବ୍ଲିକ ର ଜେନ ଅସୁବିଧା ହେଉଥିଲା ବେସି ସମସ୍ତଙ୍କର ସୁବିଧା ହେବା ବୋଲିକରି ଯୋଜନାଟା ବାହାର କରାହେଲା । ଯେନଟା ୪ ଏକର ଜାଗାଥିଲା ଏଛେନ ୩୮ ଏକରରେ ସବୁ ଜିନିଷର ଯୋଗାଯୋଗ କରାଜିବା ଜାର ଭଲ ମନ୍ଦ, ପାନି କାନି, ଖାନା ପିନା ସମସ୍ତେ ସୁବିଧାରେ ଦରଶନ କରିପାରବେ ରହେବାର ଲାଗି ସୁବିଧା କରାଯାଇଛେ । ଆଗରୁ ଜେନ ଲୋକ ଅସୁବୁଧା ଭୋଗୁଥିଲୁ ବୋଲି କହୁଥିଲେ ଏଛେନ ଇହାଦେ ସେ ଅସୁବିଧାଟା ଭୋଗ ନାଇ କରନ । ଆମର ମନ୍ଦିଟା ଆଗୋ ସଙ୍କୋଚିତ ହେଲା କହୁଥିଲେ ଏଛେନ ଆଉ ନି କହନ, ଯେହେତୁ ଇଟା ଆମର ମୁଖ୍ୟ ମନ୍ଦୀର ଆଏ । ଏଛେନ ଏତେ ଆକାର ରେ ବଢା ହୋଇଛେ ଜେ ସଙ୍କୋଚିତ ହେଲା ବୋଲି ଆଉ ମୁହଁ ଖୋଲିକରି କହି ନି ପାରନ । ଏବେ ସମସ୍ତେ ମା ପାଖକେ ଆସି ସମସ୍ତେ ଖୁସିଥି ଦରଶନ କରିକରି ଜିବେ ।
ଶୁଦାଂସୁ ରାୟ (ମା ସମଲେଶ୍ୱରୀ ପୂଜକ)

ପୂର୍ବରୁ ପଶ୍ଚିମ - ଓଡ଼ିଶାରେ ଦିବ୍ୟତା, ଆଧ୍ୟାତ୍ମିକତାର ଭାବ ମୟ ପରିବେଶ
ମନ୍ଦିର ଠାରୁ ମହାନଦୀ ଘାଟଯାଏ ଦିବ୍ୟତା, ଭବ୍ୟତାର ସ୍ପର୍ଶ
ପ୍ରକଳ୍ପର ଶିଳ୍ପୀ ଓ କାରିଗର ମାନଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ
ପଦ୍ମ ପୁରସ୍କାର ପ୍ରାପ୍ତ ସାତ ଜଣ ବରେଣ୍ୟ ବ୍ୟକ୍ତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଯେତେବେଳେ ଆମେ ସମଲେଶ୍ୱରୀ ମନ୍ଦୀର ଦରର୍ଶନ କରି ଆସୁଥିଲୁ ଜାକଜମକ ନିଥାଇ, ଆଏଜ ଯେନ ପରିବେଶ ଟା ହୋଇଛେ ସେଟା ଆମେ ଭବିଶ୍ୟତ ରେ ହେବା ବୋଲି ଭାବି ନି ଥାଇ । ନବୀନ ପଟ୍ଟନାୟକ ଜେତେବେଳ କହେଲ ଆମ୍ଭର ସମ୍ବଲପୁର ଓଡିଶା ଭାରତ ଲାଗି ବହୁତ ଖୁସି ଆଏ, ସମଲେଶ୍ୱରୀ ମା'ଏକ ନମ୍ବର ଅଧିଷ୍ଠାତ୍ରୀ ଦେବି ଆଅନ ସେଥିର ଲାଗି ଆମେ ବହୁତ ଗର୍ବିତ । ଜେତେ ବେଳେ ଟୁରିଷ୍ଟ ମାନେ ଆସୁଥିଲେ ପିକନିକ୍ କରି ଚାଲିଯାଉଥିଲେ,ଏଛେନ ଏନ୍ତା ପରିବେଶ ହେଲା ଆରାମସେ ଗାଡି ପାର୍କିଙ୍କ କରବେ ଆରାସେ ରହେବେ । ଆଖେ ପାଖେ ଯେନ ହିରାକୁଦ ଡ୍ୟାମ ଅଛେ ପାଓ୍ୱାର ଚେନାଲ ଅଛେ ଅନ୍ୟାନ୍ୟ ଯେନ ଦରର୍ଶନୀୟ ସ୍ଥାନ ଅଛେ ବହୁତ ଖୁସିରେ ଉପଭୋଗ କରବେ ସେଟା ମା'ଙ୍କ ଦୟା ଲାଗି ମାଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ବହୁତ ଖୁସି ।
ସୌମିତ୍ର ପୂଝାରୀ (ସମ୍ବଲପୁର ବାସିନ୍ଦା)

ଆଜି ଯେନ ପ୍ରକଳ୍ପର ପ୍ରତିଷ୍ଠା ହୋଇଛେ ଆଗରୁ ମନ୍ଦିଟା ଖାଲିଥିଲା ଚାରିଆଡେ ଘର ଦ୍ୱାର ଥିଲା । ପର୍ଯ୍ୟଟକ ମାନକର ଲାଗି ପରିକ୍ରମା କରବାର ଲାଗି ଏତେଟା ସୁବିଧା ନିଥାଇ । ଆଉ ଏ ଛିନିଗା ମୁଖ୍ୟମନ୍ତ୍ରୀଙ୍କ ଲାଗି ଏତେ ବଡ ରୁପାନ୍ତରୀକରଣ କଲେ ବହୁତ ପର୍ଯ୍ୟଟକ ମାନକର ଲାଗି ସୁବିଧା କଲେ ଏଛେନ ଦଖିକରି ମନଭି ଭରିଜାଉଛେ । ମା'ଙ୍କର ବହୁତ ଖୁସି ଲାଗୁଛେ ଭକ୍ତିର ଭାବଟା ଆହୁରି ଦୁଇ ଗୁଣା ହୋଇ ଯାଉଛେ ।
ନାରାୟଣୀ ଦଳପତ୍ (ନିଯୁକ୍ତା ପାଇଥିବା ସ୍ଥାନୀୟ ବାସିନ୍ଦା)